ସକାଳ THE SAKALA



www.sakalaepaper.com

ଶିକ୍ଷକଙ୍କ ବଦଳି ବାତିଲ୍ ଦାବି

# ୪ ଦିନ ହେଲା ବିଦ୍ୟାଳୟରେ ତାଲା ପକାଇଛନ୍ତି ଛାତ୍ରଛାତ୍ରୀ

ସାକ୍ଷୀଗୋପାଳ,୧୬।୪(ସମିସ)



ଶିକ୍ଷକ ନୀଳକଣ୍ଠ ପ୍ରଧାନଙ୍କ ବଦଳି ବାତିଲ୍ ଦାବିରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବିଦ୍ୟାଧରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାରଠାରୁ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ଏହି ସମସ୍ୟାର ଶୀଘ୍ର ସମାଧାନ ଲାଗି ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ନିୟମିତ ପ୍ରଚେଷ୍ଟା ଜାରି

**ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ: ଶିକ୍ଷାଧିକାରୀ**

ରଖିଥିବାବେଳେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆସୁଥିବା ଖାଦ୍ୟ ମଧ୍ୟ ପିଲାମାନେ ଗ୍ରହଣ କରୁ ନ ଥିବାରୁ ଖାଦ୍ୟ ଫେରିଯାଉଛି। ସକାଳୁଆ ବିଦ୍ୟାଳୟ ହେଉଥିଲେ ମଧ୍ୟ ୮ଟା ପରେ ପ୍ରଚଣ୍ଡ ଗୁଳୁଗୁଳି ଓ ଖରାରେ ଛାତ୍ରଛାତ୍ରୀମାନେ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇ ବସି ରହୁଛନ୍ତି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ଚାବି ପକାଇ ଦେଉଥିବାରୁ ସୋମବାର, ବୁଧବାର ଓ ଗୁରୁବାର ବିଦ୍ୟାଳୟ ମଧ୍ୟକୁ ଯାଇ ହେଉ ନ ଥିବାରୁ କାର୍ଯ୍ୟାଳୟ ଓ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହିଛି ବୋଲି ପ୍ରଧାନଶିକ୍ଷକ ଆନନ୍ଦନନ୍ଦ ସାମନ୍ତରାୟ କହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୮ ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ମାତ୍ର ୨ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପରୀକ୍ଷା ସମୟରେ ହଠାତ୍ ଜଣେ ଶିକ୍ଷକଙ୍କୁ ଏଠାରୁ ବଦଳି କରିବାରୁ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେପଟେ ଉକ୍ତ ବିଦ୍ୟାଳୟରୁ ଯେଉଁ ଶିକ୍ଷକ ବଦଳି ହୋଇଛନ୍ତି ସେ ଡେପୁଟେସନରେ ଆସିଥିଲେ। ତେଣୁ ସେ ଯିବା ପରେ ବିଦ୍ୟାଳୟରେ ପାଠପଢ଼ାରେ ବାଧା ସୃଷ୍ଟି ନ ହେବା ପାଇଁ ତୁରନ୍ତ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଅବସ୍ଥାପିତ କରାଯାଇଛି। ହେଲେ ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ଶିକ୍ଷୟିତ୍ରୀ ଜଣକ କାର୍ଯ୍ୟରେ ଯୋଗଦେଇ ପାରିନାହାନ୍ତି। ତେଣୁ ଖୁବ୍‌ଶୀଘ୍ର ଏହି ସମସ୍ୟା ସମାଧାନ ହେବ ବୋଲି ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

## ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗର ଜବତ

ନିମାପଡ଼ା,୧୬।୪(ସମିସ): ପୁରୀ ଜିଲ୍ଲା ଅବକାରୀ ବିଭାଗ ନିର୍ଦ୍ଦେଶକ ଜଗଦୀଶ ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ପ୍ରଭାକର ସେଠୀ ଗୁରୁବାର ଚାରିଛକ ଥାନା ଅନ୍ତର୍ଗତ ଡମାଲୋ ଛକ ନିକଟରେ ଚଢ଼ଉ କରି ଜଣେ ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିଥିବା ଜଣାପଡ଼ିଛି। ସୂଚନା ପ୍ରକାରେ, ଗୁରୁବାର ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ପ୍ରଭାକର ସେଠୀ ଟିମ୍ ସହ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ସୂଚନା ପାଇ ଡମାଲୋ ଛକ ନିକଟରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଗୋପ ଥାନା ଅନ୍ତର୍ଗତ ଗଡ଼ସିଠୋ ଗ୍ରାମର ସୁମନ ଦାସ(୨୨)ଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ୧୧୫ ଗ୍ରାମ୍ ବ୍ରାଉନ୍‌ସୁଗର ଯାହାର ମୂଲ୍ୟ ୧୧ ଲକ୍ଷ ୫୦ ହଜାର ଟଙ୍କା, ନଗଦ ୧୨ଶହ ଟଙ୍କା ଓ ଗୋଟିଏ ଫୋନ୍ ଜବତ କରିବା ସହିତ ୫/୨୬ରେ ଏକ ମାମଲା ରୁଜୁକରି ସୁମନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଳଙ୍ଗା,୧୬।୪(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ବଜାରଠାରେ ଚନ୍ଦନପୁର ବ୍ରାଞ୍ଚ କେନାଲ ଭିତରୁ ଜଣେ ଯୁବକଙ୍କ ମୃତଦେହକୁ ବଳଙ୍ଗା ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ମୃତକ ଜଣକ ହେଲେ ବିଜୟ ବେହେରା ଓରଫ ବିଜୁନା। ସୂଚନା ମୁତାବକ, ଦେବକୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ବିଜୟ ବେହେରା (ବିଜୁନା) ବୁଧବାର ରାତିରେ ଘରୁ ଆସିଥିଲାବେଳେ ଗୁରୁବାର ଭୋର୍ ସମୟରେ ବଜାରର କେନାଲ ଭିତରେ ଥିବା ଦୋକାନ ତଳେ ତାଙ୍କ ମୃତଦେହ ପଡ଼ିଥିବା ନେଇ କେତେକ ଲୋକ ଦେଖିଥିଲେ। କିଛି ସମୟ ମଧ୍ୟରେ ଖବର ପ୍ରଚାରିତ ହେବା ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟପଟେ ଖବର ପାଇ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ଜବତ କରିବାକୁ ପ୍ରୟାସ କରିବାରେ ପରିବାର ଲୋକେ ବିଜୁନାକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କର ଜଣେ ସମ୍ପର୍କୀୟ ହତ୍ୟା କରିଥିବା ନେଇ ଅଭିଯୋଗ ଆଣି ଶବକୁ ଛାଡ଼ି ନ ଥିଲେ। ଫଳରେ ପୁଲିସ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଥାନାକୁ ଉଠାଇ ଆଣିଥିଲା। ତେବେ ଅନ୍ୟ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ଶବ ଛାଡ଼ିବେନି ବୋଲି ପରିବାର ଲୋକେ ଜିଦ୍ କରି ଶବକୁ ଛାଡ଼ି ନ ଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର, ନିମାପଡ଼ା ତହସିଲ୍‌ଦାର ମନୋଜ ପ୍ରଧାନ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଦୀର୍ଘ ୬ ଘଣ୍ଟା ପରେ ଶବ ଉଠିଥିଲା। ଏ ନେଇ ଥାନାରେ ୧୧୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଆଇଆଇସି ଶ୍ରୀମତୀ ସାହୁ କହିଛନ୍ତି। ଅନ୍ୟପଟେ ବିଜୁନା ନାମରେ ଥାନାରେ କେତେକ ମାମଲା ଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

**ପରିବାର ପକ୍ଷରୁ ହତ୍ୟା ଅଭିଯୋଗ**

## ନିମାପଡ଼ା ଏନ୍‌ଏସି ଅଫିସ୍ ଆଗରେ ସଫେଇ କର୍ମଚାରୀଙ୍କ ବିକ୍ଷୋଭ



ନିମାପଡ଼ା,୧୬।୪(ସମିସ): ଗୁରୁବାର ପୂର୍ବାହ୍ଣରେ ବିନାୟକ ସଫେଇ କର୍ମଚାରୀ ସଂଘ ତରଫରୁ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍‌ଏସି) କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬୧ଜଣ ସଫେଇ କର୍ମଚାରୀ ତାଙ୍କ ବକେୟା ପ୍ରାପ୍ୟ ପାଇବା ପାଇଁ ଆନ୍ଦୋଳନ କରିଥିଲେ। ସଂଗଠନର ସଭାପତି ବିକାଶ କୁମାର ଘଡ଼େଇଙ୍କ ନେତୃତ୍ୱରେ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦର ୬୧ଜଣ ସଫେଇ କର୍ମଚାରୀ ତାଙ୍କ ଭବିଷ୍ୟନିଧି ଟଙ୍କା ଓ ମାସିକ ବେତନ ପାଇବାରୁ ବଞ୍ଚିତ ସମସ୍ତ କର୍ମଚାରୀ ହାତରେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ। ବାସ୍ତବରେ ସେମାନେ ମୁଣ୍ଡଝାଳ ତୁଣ୍ଡରେ ମାରି ଝାଡୁ ଧରି ସହରର ପରିମଳ ବ୍ୟବସ୍ଥାକୁ ଠିକ୍ କରି ଚାଲିଛନ୍ତି। ମାସିକ ପାରିଶ୍ରମିକ ଓ ଦରମାରୁ କଟୁଥିବା ଟଙ୍କା ଆବଶ୍ୟକ ସମୟରେ ମିଳୁ ନ ଥିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାଶଙ୍କୁ ଆଗରୁ ଗୁହାରି କରିଥିଲେ। ଏନେଇ ତାଙ୍କୁ ପଚାରିବାରୁ, ମୋତେ ଏ ବାବଦରେ କେହି ଜଣାଇ ନାହାନ୍ତି, ଆଜି ଅପରାହ୍ଣ ସୁଦ୍ଧା ସେମାନଙ୍କୁ ତାଙ୍କ ପ୍ରାପ୍ୟ ମିଳିଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ଆଲୋଚନାରେ ସମାଜସେବୀ ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ ଉପସ୍ଥିତ ଥିବାବେଳେ ସଂଗଠନର ଉପସଭାପତି ରଘୁନାଥ ଘଡ଼େଇ, ସମ୍ପାଦକ ଅକ୍ଷୟ ଗୋଚ୍ଛାୟତ ଓ ଜୟନ୍ତୀ ଘଡ଼େଇ ଉପସ୍ଥିତ ଥିଲେ।

## କାକଟପୁର ବ୍ଲକ୍‌ରେ ବାର୍ଷିକ ପୋଷଣ ପକ୍ଷ ପାଳନ



ଗମ୍ଭାରୀପଦା,୧୬।୪(ସମିସ): କାକଟପୁର ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପୀୟୂଷମୟୀ ପଣ୍ଡାଙ୍କ ପୌରୋହିତ୍ୟରେ ୮ମ ବାର୍ଷିକ ପୋଷଣ ପକ୍ଷ ବ୍ଲକ୍ ପରିସରସ୍ଥ ସଭାଗୃହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ଜିଲ୍ଲା ପୀୟୂଷ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରିଣୀ, ବିଏସ୍‌ଏସ୍‌ଓ ପ୍ରମୁଖ ଯୋଗଦେଇ ଗର୍ଭାବସ୍ଥାରେ ମହିଳା, ଭୂମିଷ୍ଠ ଶିଶୁ, କିଶୋରୀ ବାଳିକା, ସର୍ବୋପରି ବ୍ଲକ୍‌ରେ କୁପୋଷଣର ଶିକାର ହେଉଥିବା ସମସ୍ତ ଶିଶୁ ଓ ମହିଳାଙ୍କୁ ସଚେତନତାର ବାର୍ତ୍ତା ଏହି ପୋଷଣ ପକ୍ଷ ମାଧ୍ୟମରେ ସଚେତନ କରାଇଥିଲେ। ଗ୍ରାମାଞ୍ଚଳରେ ସହଜରେ ମିଳିପାରୁଥିବା କେଉଁ ସବୁ ପୌଷ୍ଟିକ ଖାଦ୍ୟତତ୍ତ୍ୱ ଆମର ପୋଷଣ ଆବଶ୍ୟକତାକୁ ପୂରଣ କରିପାରିବ ସେ ସବୁର ଡେମୋ ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ସିଡିପିଓ ଶ୍ରୀମତୀ ପଣ୍ଡାଙ୍କ ମତରେ ଆଗାମୀ ଦିନରେ ମହିଳା ସ୍ୱୟଂ ସହାୟିକା ଓ ଅଙ୍ଗନବାଡ଼ି ମାଆମାନଙ୍କ ସହଯୋଗରେ କାକଟପୁର ବ୍ଲକ୍‌କୁ କୁପୋଷଣ ମୁକ୍ତ କରିବା ପାଇଁ ଚେଷ୍ଟା ଜାରି ରଖିବୁ।

● ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ଅଭିଯୋଗ

## ପ୍ରତିବାଦ କଲେ ଆକ୍ରୋଶର ଶିକାର



ବଳଙ୍ଗା,୧୬।୪(ସମିସ): ବଜାର, ହାଟ, ବିଭିନ୍ନ ହୋଟେଲ, ଗ୍ରାମ ଛକମାନଙ୍କରେ ଥିବା ଜଳଖିଆ ଓ ବିଭିନ୍ନ ଶୁଖିଲା ଖାଦ୍ୟ ଦୋକାନରେ ବାସି, ଅପମିଶ୍ରିତ, ସମୟ ଅତିକ୍ରାନ୍ତ କରିଥିବା ଖାଦ୍ୟ ବିକ୍ରି ଅଭିଯୋଗ ହେଉଛି। ବାସି ଖାଦ୍ୟକୁ ପୁଣିଥରେ ଗରମ କରି ଖାଇବାକୁ ଦିଆଯାଉଛି। ଏଗୁଡ଼ିକ ଅଳିଆ ଆବର୍ଜନା ଓ ଦୁର୍ଗନ୍ଧ ପରିବେଶରେ ପ୍ରସ୍ତୁତ ହେଉଛି। ଗ୍ରାହକମାନଙ୍କୁ ଆକୃଷ୍ଟ ନିମନ୍ତେ ଖାଦ୍ୟ ଘୋଡ଼ାଇ ରଖା ନ ଯିବାରୁ ମାଛି ବସିବା ସହିତ ରାସ୍ତାର ଧୂଳି ମଧ୍ୟ ପଡୁଛି। ଛେନା, ପନିର ବ୍ୟାପକ ଅପମିଶ୍ରଣ ହେଉଛି। ପାଉଁରୁଟି, ବିସ୍କୁଟ ପ୍ୟାକେଟ୍, କ୍ଷୀର ପ୍ୟାକେଟ୍ ସିଲ୍ ଥିଲେ ମଧ୍ୟ ଏକ୍ସପାୟରୀ ତାରିଖ ସରିଗଲେ ମଧ୍ୟ ବିକ୍ରି ହେଉଛି, ଯାହାକି ଗ୍ରାହକ ଜାଣିପାରୁ ନାହାନ୍ତି। ମାଛ ହାଟ ଅବସ୍ଥା ଅବର୍ଣ୍ଣନୀୟ। ପଚା ଦୁର୍ଗନ୍ଧରେ ଯାତାୟାତ କଷ୍ଟକର ହେଉଛି। ସେ ସ୍ଥାନ ପରିଷ୍କାର ହେଉନାହିଁ କି ବ୍ଲିଚିଂ ପ୍ରଭୃତି ବିଶୋଧକ ପଡୁନାହିଁ। ତଦାରଖ ନାହିଁ କି ପ୍ରତିବାଦ କଲେ ଫଳପ୍ରଦ ହେଉନାହିଁ। ଏ ସବୁ ଖାଦ୍ୟ ଖାଇ ଅଧିକାଂଶ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପିଲାମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡୁଛି। ପୂର୍ବରୁ ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ତଦାରଖ ହେଉଥିଲା। ଦୀର୍ଘ ବର୍ଷ ହେବ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସରକାରଙ୍କ ଏହି ବିଭାଗଟି ବନ୍ଦ ହୋଇଯାଇଥିବା ଅନୁମାନ କରାଯାଉଛି। ବାସି ଖାଦ୍ୟ ବିକୁଥିବା ଦୋକାନୀଙ୍କୁ ଜନସାଧାରଣ ପ୍ରତିବାଦ କଲେ ଆକ୍ରୋଶର ଶିକାର ହେବାକୁ ପଡୁଛି। ଖାଉଟିମାନେ ଅତିଷ୍ଠ ହେଲେ ମଧ୍ୟ ନିରୁପାୟ ହୋଇପଡ଼ିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ହରିହର ଦାଶ, ମୋହନ ପଣ୍ଡା, ସୁମନ ଜେନା, ଶଶିଭୂଷଣ ପ୍ରଧାନ ପ୍ରଭୃତି ଅଞ୍ଚଳବାସୀ ଦାବି କରିଛନ୍ତି।

## ଜୟା ହୋଟେଲକୁ ବୋମାମାଡ଼ ଘଟଣା; ୩ ଗିରଫ



ସାକ୍ଷୀଗୋପାଳ,୧୬।୪(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ସାକ୍ଷୀଗୋପାଳ କଲେଜ ଛକ ନିକଟରେ ଥିବା ଜୟା ହୋଟେଲ ଉପରକୁ ବୁଧବାର ହୋଇଥିବା ବୋମାମାଡ଼ ଘଟଣାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୈଦ୍ୟନାଥ ଦାସ(୨୫), ପ୍ରଭାକର ପ୍ରଧାନ(୨୭) ଓ ବୀରେନ୍ଦ୍ର କୁମାର ସାହୁ (୨୦)। ସମସ୍ତ ଅଭିଯୁକ୍ତ ପିପିଲି ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ତଳପାଟଣା ଗ୍ରାମର ପ୍ରଦୀପ ବାରିକଙ୍କ ହୋଟେଲକୁ ବୁଧବାର କିଛି ଯୁବକ ଖାଇବା ପାଇଁ ଆସିଥିଲେ। କିନ୍ତୁ ସେମାନେ ହୋଟେଲ ଭିତରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରି ଅସଭ୍ୟ ଭାଷା ବ୍ୟବହାର କରିଥିଲେ। ଅନ୍ୟ ଗ୍ରାହକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବାରୁ ହୋଟେଲ ମାଲିକ ସେମାନଙ୍କୁ ସଚେତନ କରିଥିଲେ। କିନ୍ତୁ ସେମାନେ ଖାଇସାରି ବିଲ୍ ନ ଦେଇ ପଳାଇବାକୁ ଚେଷ୍ଟା କରିଥିଲେ। ବିଲ୍ ଦେବାକୁ କହିବାରୁ ସେମାନେ ମାଲିକଙ୍କୁ ଧମକଚମକ ଦେଇ ଚାଲିଯାଇଥିଲେ। ଏହାପରେ ପ୍ରାୟ ୧୫ ମିନିଟ୍ ପରେ ସେମାନେ ଗୋଟିଏ ପିକ୍‌ଅପ୍ ଭ୍ୟାନ୍‌ରେ ଆସି ହୋଟେଲ ଉପରକୁ ତିନୋଟି ବୋମାମାଡ଼ କରିଥିଲେ। କିନ୍ତୁ ବୋମାଗୁଡ଼ିକ ଲକ୍ଷ୍ୟ ଭ୍ରଷ୍ଟ ହୋଇ ହୋଟେଲରେ ନ ବାଜି ରାସ୍ତା ଉପରେ ପଡ଼ିଥିଲା। ଏହି ଘଟଣାରେ କୌଣସି ଲୋକ ଆହତ ହୋଇ ନ ଥିଲେ, କିନ୍ତୁ ୨ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତମାନେ ସେହି ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ପରେ ପୁଲିସ ଅନୁସନ୍ଧାନ କରି ୩ ଜଣଙ୍କୁ ପିପିଲି ନକଟରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପୁଲିସ ଘଟଣାସ୍ଥଳରୁ ଗୋଟିଏ ଗାଡ଼ି, ହଂସୁଆ କଟୁରୀ, ଝୋଟ, ସୁତୁଲି ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବୋଲି ସତ୍ୟବାଦୀ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଏବଂ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଜିଲ୍ଲାସ୍ତରରେ ସ୍ଥାନ ପାଇଲେ ଅନୁଲେଖା ଏମ୍‌ପି ମିଶ୍ର

## ନିମାପଡ଼ା ଅଞ୍ଚଳର ପ୍ରଥମ ମହିଳା କ୍ରିକେଟର



ନିମାପଡ଼ା,୧୬।୪(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅଧୀନ ତେରୁଣ୍ଡିଆ ପଞ୍ଚାୟତ ଧିରପୁର ଗ୍ରାମର ଝିଅ ଅନୁଲେଖା ଏମ୍‌ପି ମିଶ୍ର ଜିଲ୍ଲାସ୍ତରୀୟ କ୍ରିକେଟ ଟିମ୍‌ରେ ମନୋନୀତ ହୋଇଥିବାବେଳେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଗ୍ରାମର ମାତୃକା ପ୍ରସାଦ ମିଶ୍ରଙ୍କ ଝିଅ ଅନୁଲେଖା ଅନ୍ୟ ମହିଳା ଖେଳାଳିଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ଏବଂ ଆଥଲେଟିକ ଆସୋସିଏସନ୍ ସଭାପତି ସମୀର ରଞ୍ଜନ ଦାସ, ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଅୟସକାନ୍ତ ମିଶ୍ର, ସ୍ୱୟମ୍ ଶେଖର ମହାନ୍ତି, ନିର୍ମଳ ମିଶ୍ର ଓ ସତ୍ୟେନ୍ଦ୍ର ମୋହନ ମହାନ୍ତି ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଜନଗଣନା ସପ୍ତାହ ପାଳିତ

ସାକ୍ଷୀଗୋପାଳ,୧୬।୪(ସମିସ): ବର୍ତ୍ତମାନ ସାରା ଦେଶରେ ୧୬ତମ ଜନଗଣନା କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ ଆରମ୍ଭ ହୋଇଥିବାବେଳେ ଏହି ଅବସରରେ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନଗଣନା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ସାପ୍ତାହିକ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଆୟୋଜିତ ସଭାରେ ଜନଗଣନାର ଗୁରୁତ୍ୱ ଓ ଏହାର ଅପରିହାର୍ଯ୍ୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉପସ୍ଥିତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ ପାଇଁ ସଚେତନ କରିଥିଲେ। ଦେଶର ବିକାଶ ଓ ସରକାରୀ ଯୋଜନାର ସଫଳତା ପାଇଁ ସଠିକ୍ ଜନଗଣନା ତଥ୍ୟର ଆବଶ୍ୟକତା ରହିଛି ବୋଲି ସେ ନିଜ ଉଦ୍‌ବୋଧନରେ କହିଥିଲେ। ଏହି ସମାରୋହରେ ବିଶ୍ୱନାଥପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ରବି ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଜନଗଣନା ସଚେତନତା ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଦୋଳବେଦୀ ଛକ ଡାକଘର ସ୍ଥାନାନ୍ତର ନେଇ ଧାରଣା



ନିମାପଡ଼ା,୧୬।୪(ସମିସ): ନିମାପଡ଼ା ବଜାରରେ ଥିବା ଦୀର୍ଘ ୪୭ ବର୍ଷର ଦୋଳବେଦୀ ଛକ ଡାକଘରକୁ ନିମାପଡ଼ା ମୁଖ୍ୟ ଡାକଘର କାର୍ଯ୍ୟାଳୟ ସହିତ ମିଶାଇଦେବା କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନିମାପଡ଼ାବାସୀ ନାପସନ୍ଦ କରିଛନ୍ତି। ଏ ସଂକ୍ରାନ୍ତରେ ପୁନଃ ବିଚାର କରିବା ପାଇଁ ଦାବି କରି ଗୁରୁବାର ସକାଳ ସମୟରେ ଜାଗ୍ରତ ଯୁବଶକ୍ତି ସଂଗଠନ, ବରିଷ୍ଠ ନାଗରିକ ମଞ୍ଚ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉକ୍ତ ଡାକଘରଟି ପୁରୀ ଜିଲ୍ଲାରେ ଅନ୍ୟତମ ଡାକଘର ଭାବେ ବିବେଚିତ ହୋଇଥିବା ଦୃଷ୍ଟାନ୍ତ ରହିଛି। ଏଠାରେ ଦୈନିକ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ବିଭିନ୍ନ କାମ ଶାନ୍ତିଶୃଙ୍ଖଳାରେ କରିଥିବା ସୂଚନା ଦେଇ ଏଠାରୁ ଡାକଘର ଉଠିଗଲେ ଅନେକ ଗ୍ରାହକ ଗହଳି ମଧ୍ୟରେ ଯିବା ପସନ୍ଦ କରିବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରି ଦେଇଥିଲେ। ଏହି ଡାକଘର ଦ୍ୱାରା ବାର୍ଷିକ ୨୦ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ ବୋଲି ଡାକ ବିଭାଗ ସହିତ ଜଡ଼ିତ କର୍ମଚାରୀ/ଏଜେଣ୍ଟମାନେ ସୂଚନା ଦେଇ ସରକାର ଜନସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଜାଗ୍ରତ ଯୁବଶକ୍ତି ସଂଗଠନ, ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛନ୍ତି। ଏ ବାବଦରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟି ଦେବାକୁ ଆନ୍ଦୋଳନକାରୀମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବେଣୁଧର ସେଠୀ, ମାଧବ ମଳିକ, ଆର୍ତ୍ତବନ୍ଧୁ ସେନାପତି, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ମହାନ୍ତି, ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କଣାସରେ ଅଗ୍ନି ସେବାଶମ ସପ୍ତାହ



କଣାସ,୧୬।୪(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଅଗ୍ନି ସେବାଶମ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରରେ କଣାସ ଅଗ୍ନିଶମ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ରଘୁନାଥ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ସେବା ସପ୍ତାହ ପାଳନ କରୁଛନ୍ତି। ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ କର୍ତ୍ତବ୍ୟରତ ଅବସ୍ଥାରେ ପ୍ରାଣବଳୀ ଦେଇଥିବା ଅଗ୍ନିଶମ ବୀରଙ୍କ ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସହିଦମାନଙ୍କ ସାହସିକତାକୁ ସ୍ମରଣ କରାଯିବା ସହ ସେମାନଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା। ସ୍କୁଲ, କଲେଜ, ମଲ୍ ଓ ଡାକ୍ତରଖାନା ଭଳି ସ୍ଥାନରେ ଜରୁରୀକାଳୀନ ସ୍ଥିତିରେ କଭଳି ନିଜକୁ ସୁରକ୍ଷିତ ରଖିବେ ସେ ନେଇ ଅଗ୍ନିନିରାପତ୍ତା ବ୍ୟବସ୍ଥା ସ୍ୱତନ୍ତ୍ର ଯାଞ୍ଚ କରାଯିବ। ଗୁରୁବାର କଣାସ ସରକରୀ ଉଚ୍ଚ ବିଦ୍ୟାଳୟ ଏବଂ ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଜକୁ ବଞ୍ଚାଇବା ସହ ଅନ୍ୟମାନଙ୍କୁ କିପରି ବଞ୍ଚାଇବେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

## ନବକଳେବର ପାଇଁ ଦେଉଳିମଠରେ ନିମ୍ବ ବୃକ୍ଷରୋପଣ

● ଦଇତାପତି ନିଯୋଗ ପରିବାର ପକ୍ଷରୁ ବନ୍ଧୁ ମିଳନ

 କାକଟପୁର,୧୬।୪(ସମିସ): ଆସନ୍ତା ନବକଳେବରକୁ ନଜରରେ ରଖି ଶ୍ରୀମନ୍ଦିର ଦଇତାପତି ନିଯୋଗ ପରିବାର ତରଫରୁ କାକଟପୁର ଦେଉଳିମଠରେ ବନ୍ଧୁମିଳନ ସହ ବୃକ୍ଷରୋପଣ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶତାଧିକ ସଦସ୍ୟ ଉପସ୍ଥିତ ରହି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୁରୀ ଦଇତାପତି ନିଯୋଗ ମୁଖ୍ୟ ରାମକୃଷ୍ଣ ଦାସ ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସାଂସଦଙ୍କ ଅନ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ପୁରୀ ଜିଲ୍ଲା ବନାଞ୍ଚଳ ଅଧିକାରୀଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ନିମ୍ବ ବୃକ୍ଷରୋପଣ କରିବା ସହ ମହାପ୍ରଭୁଙ୍କ ଦିବ୍ୟଲୀଳାକୁ ପ୍ରଚାରପ୍ରସାର କରିବା ଏବଂ ମା' ମଙ୍ଗଳାଙ୍କ ସହ ଜଗନ୍ନାଥ ସଂସ୍କୃତିର ଐତିହାସିକ ତଥା ପୌରାଣିକ ତଥ୍ୟକୁ ପୁନରୁଦ୍ଧାର କରିବାକୁ ଏହା ଏକ ସ୍ୱତନ୍ତ୍ର ଓ ନିଆରା ପ୍ରୟାସ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ପ୍ରାୟ ୭୦ଟି ନିମ୍ବ ବୃକ୍ଷ ଲଗାଯାଇଛି। ଏହାର ସୁରକ୍ଷା ଦାୟିତ୍ୱ ବିଡିଓ ନେଇଛନ୍ତି।

## ଜମୁଛି ଐତିହାସିକ ୩୫ ମୌଜା ପଣାଯାତ୍ରା ମେଳଣ




ବ୍ରହ୍ମଗିରି/କୃଷ୍ଣପ୍ରସାଦ,୧୬।୪(ସମିସ): ଓଡ଼ିଶାର ୨ୟ ବାଲିଯାତ୍ରା ଭାବେ ସୁନାମ ଅର୍ଜନ କରିଥିବା ୭୯ତମ ପଣାଯାତ୍ରା ମହୋତ୍ସବ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡ଼ାଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ବେଶ୍ ଧୁମ୍‌ଧାମ୍‌ରେ ଆରମ୍ଭ ହୋଇଛି। ଗତ ୧୪ ତାରିଖରେ ମୁଖ୍ୟ ପୀଠାଧିଶ ଶ୍ରୀକମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜ୍ଜିତ ମେଢ଼ରେ ଆତସବାଜି ପାଟୁଆରରେ ପଣା ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ନିଜ ନିଜ ଆସନ ଉପରେ ବିରାଜମାନ ପରେ ଶ୍ରଦ୍ଧାଳୁ ଭକ୍ତମାନେ ଖୋଲା ଦର୍ଶନ କରିଛନ୍ତି। ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲ୍ଲୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ୬ ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି। ପ୍ରତିଦିନ ଦର୍ଶକଙ୍କ ମନୋରଞ୍ଜନ ପାଇଁ ପାଲା, ଭାରତଲୀଳା, ସଂକୀର୍ତ୍ତନ, ପାଇକ ଆଖଡ଼ା, ଆତସବାଜି ପ୍ରତିଯୋଗିତା ହୋଇଥାଏ। ୫ଦିନ ଧରି ଅପେରା ରାଜନନ୍ଦିନୀ ଓ ତୁଳସୀ ଗଣନାଟ୍ୟ

**୨ୟ ଦିନରେ ଯୋଗଦେଲେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା**



ନାଟକ ପରିବେଷଣ କରିବେ। ବୁଧବାର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ପଣା ଯାତ୍ରା ପଡ଼ିଆକୁ ଗସ୍ତ କରିଥିଲେ। କୃଷ୍ଣପ୍ରସାଦ ବ୍ଲକ୍‌ର ଆରାଧ୍ୟ ଦେବତା ଶ୍ରୀବାବାକମଳେଶ୍ୱର ଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିବା ସହ ଅଞ୍ଚଳବାସୀଙ୍କ ଶୁଭ ମଙ୍ଗଳ କାମନା କରିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି, ବିଶ୍ୱାସ, ପରମ୍ପରା ଏବଂ ଆସ୍ଥାର ଏହି ଭବ୍ୟ ଉତ୍ସବକୁ ସୁନ୍ଦର ଭାବରେ ଆୟୋଜନ କରିଥିବା କୃଷ୍ଣପ୍ରସାଦ ବ୍ଲକ୍ ୩୫ ମୌଜା ପରିଚାଳନା କମିଟିର କର୍ମକର୍ତ୍ତା ଏବଂ ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଗସ୍ତ ସମୟରେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ୍ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, କୃଷ୍ଣପ୍ରସାଦ ବ୍ଲକ୍ ବିଜୁ ଜନତା ଦଳ ସଭାପତି ପଦ୍ମ ଚରଣ ଜେନା, ରାମଲେଙ୍କା ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ରଣସିଂହ, ସମାଜସେବୀ ଟୁକୁ ମାଝୀ, ଶ୍ୟାମ ମାହାପାତ୍ର ଏବଂ ୩୫ ମୌଜା ସୁରେନ୍ଦ୍ର ନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ କୃଷ୍ଣପ୍ରସାଦ ଥାନା ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।





୧୬/୪/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୬,୨୫୭/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍

## ସିଟି ଶ୍ରୀକ୍ଷେତ୍ର

# ଭିତର ରତ୍ନଭଣ୍ଡାର ଗଣତି ଜାରି

ପୁରୀ,୧୬।୪(ସମିସ): ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚଳନ୍ତି ଓ ବାହାର ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ସରିବା ପରେ ଗତ ସୋମବାରଠାରୁ ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି ଆରମ୍ଭ ହୋଇଥିଲା। ଦୁଇଦିନ ବନ୍ଦ ରହିବା ପରେ ପୁନଶ୍ଚ ଗୁରୁବାର ଭିତର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରାଦି ଗଣତି ହୋଇଛି। ମୋଟ୍ ଉପରେ ଗୁରୁବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିର ସପ୍ତମ ଦିନ ତଥା ଭିତର ରତ୍ନଭଣ୍ଡାର ଗଣତିର ଦ୍ୱିତୀୟ ଦିନ। ନୀତି ବିଳମ୍ବ ସତ୍ତ୍ୱେ ଗୁରୁବାର ପ୍ରାୟ ୭ ଘଣ୍ଟା ଧରି ଗଣତି କରାଯାଇଛି। ଭିତରେ ଭଣ୍ଡାରରେ ପ୍ରାୟ ୫୯୮ ପ୍ରକାର ଅଳଙ୍କାର ଥିବାବେଳେ ଏ ପର୍ଯ୍ୟନ୍ତ ପ୍ରାୟ ୮୦ ପ୍ରକାର ଅଳଙ୍କାରର ଗଣତି ଶେଷ ହୋଇଛି। ତେବେ ଆଉ ଦୁଇଦିନ ଅର୍ଥାତ୍ ୧୮ ତାରିଖ ପର୍ଯ୍ୟନ୍ତ ଗଣତି ହେବ। ଏହାପରେ ସେବାୟତ ଓ କମାଣ୍ଡରଙ୍କ ସହିତ ଆଲୋଚନା କରାଯାଇ କେଉଁଦିନ ଗଣତି କରାଯିବ ତାହା ଚୂଡ଼ାନ୍ତ ହେବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଗୁରୁବାର ପୂର୍ବାହ୍ଣ ୧୦ଟା ୩୫ ରେ ସିଂହଦ୍ୱାର ଦେଇ ଭିତରକୁ ପ୍ରବେଶ କରିଥିଲେ ପ୍ରାଧିକୃତ ସଦସ୍ୟ। ମଧ୍ୟାହ୍ନ ୧୨ଟା ୨୫ରେ ପ୍ରଥମେ ବାହାର ଭଣ୍ଡାର ଖୋଲାଯାଇଥିଲା। ଏହାପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ୧୨ଟା ୩୫ରେ ଟ୍ରେଜେରୀରୁ ଆସିଥିବା ଚାବିରେ ଭିତର ରତ୍ନଭଣ୍ଡାର



ଖୋଲାଯାଇଥିଲା। ତେବେ ଗତ ୧୩ ତାରିଖରେ ଭିତର ଭଣ୍ଡାରର ପ୍ରଥମ ଦିନ ସୁଭଦ୍ରାଙ୍କ ମାଳ ଛିଡ଼ିଥିବା ବେଳେ ଗୁରୁବାର ଦ୍ୱିତୀୟ ଦିନରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି। ପ୍ରାଧିକୃତ ସଦସ୍ୟ ଭିତରକୁ ଯିବା ସମୟରେ ବଳଭଦ୍ରଙ୍କ ଅଧରମାଳ ଛିଡ଼ିଥିଲା।

ପ୍ରାୟ ୭ ଘଣ୍ଟା ଧରି ଗଣତି ହୋଇଥିଲା। ଗଣତି ଶେଷ ହେବା ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ୧୯୭୮ ମସିହାରେ ପ୍ରସ୍ତୁତ ହୋଇଥିବା ତାଲିକା ସହ ମେଳକ କରାଯାଉଛି। ଭିତର ଭଣ୍ଡାରରେ ଏ ପର୍ଯ୍ୟନ୍ତ ସମସ୍ତ ମେଳକ ଶତ ପ୍ରତିଶତ ସ୍ୱଚ୍ଛ ଓ ନିର୍ଭୁଲ ରହିଛି। ୧୯୭୮ରେ ଯେଉଁମାନେ ତାଲିକା ପ୍ରସ୍ତୁତ

- ବଳଭଦ୍ରଙ୍କ ଅଧର ମାଳ ଛିଡ଼ିବାକୁ ନେଇ ନାନା ଚର୍ଚ୍ଚା
- ପ୍ରଥମ ଦିନ ଛିଡ଼ିଥିଲା ସୁଭଦ୍ରାଙ୍କ ମାଳ

କରିଥିଲେ ସେମାନେ ସଠିକ୍ ଓ ନିର୍ଭୁଲ ଭବେ ଗଣନା କରିଥିବାରୁ ଗଣତି ପ୍ରକ୍ରିୟାରେ ସୁବିଧା ହେଉଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ତେବେ ଏସ୍‌ଓପି ଅନୁଯାୟୀ ହଳଦିଆ ମୁଣିରେ ସୁନା, ଧଳା ମୁଣିରେ ରୁପା ଓ ନାଲି ମୁଣିରେ ଅନ୍ୟ ରତ୍ନ ଅଳଙ୍କାର ରଖାଯାଇ ତାକୁ ପ୍ରଥମେ ଷ୍ଟିଲ୍ ବାକ୍ସ ଓ ପରେ ନବନିର୍ମିତ ସିନ୍ଦୁକରେ ରଖାଯାଉଛି ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି। ତେବେ ଭିତର ଭଣ୍ଡାରରେ ଥିବା ରତ୍ନ ଅଳଙ୍କାର ଦୁଇଦିନ ଗଣତି ହୋଇଛି। ହେଲେ ଦୁଇଦିନ ଯାକ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଅଧିକୃତ ଟିମ୍ ରତ୍ନଭଣ୍ଡାର ଭିତରକୁ ପ୍ରବେଶ ପୂର୍ବରୁ ପ୍ରଥମ ଦିନ ମା' ସୁଭଦ୍ରାଙ୍କର ଏବଂ ଗୁରୁବାର ଶ୍ରୀବଳଭଦ୍ରଙ୍କ ଅଧରମାଳ ଛିଡ଼ିଥିଲା। ତେବେ ଏହାକୁ ନେଇ କେହି ଶୁଭ ସଙ୍କେତ କହୁଥିବାବେଳେ ଆଉ କେହି ଅଶୁଭ ବୋଲି କହୁଛନ୍ତି। ଅଶୁଭ କହୁଥିବା ବ୍ୟକ୍ତିଙ୍କ ମତ ଅନୁଯାୟୀ, ପ୍ରଥମ ଦିନ ଅର୍ଥାତ୍ ଏପ୍ରିଲ ୧୩ ତାରିଖ ଥିଲା ବର୍ଷର ଶେଷ ମାସାନ୍ତ। ମାସାନ୍ତରେ କୌଣସି ଶୁଭ କାର୍ଯ୍ୟ ହେବା କଥା ନୁହେଁ। କିନ୍ତୁ ସେଦିନ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଣତି କରାଗଲା। ଗୁରୁବାର ଦ୍ୱିତୀୟ ଦିନରେ ବି ସମାନ ଘଟଣା ଘଟିଲା। ଅନ୍ୟପକ୍ଷରେ ଯେଉଁମାନେ ଏହାକୁ ଶୁଭ କହୁଛନ୍ତି ତାଙ୍କ ମତରେ ଠାକୁର ଅଧରମାଳ ଖସାଇ ଏହି କାର୍ଯ୍ୟ କରିବା ଲାଗି ସଙ୍କେତ ପ୍ରଦାନ କରୁଛନ୍ତି ବୋଲି ମତ ରଖିଛନ୍ତି।

■ ଆସୁଛି ଚନ୍ଦନ ଯାତ୍ରା

## ନରେନ୍ଦ୍ର ପୁଷ୍କରିଣୀ ପରିଦର୍ଶନ କଲେ ଏସ୍‌ପି



ପୁରୀ,୧୬।୪(ସମିସ): ଆସନ୍ତା ୨୦ରୁ ଆରମ୍ଭ ହେବ ଚନ୍ଦନ ଯାତ୍ରା। ପଞ୍ଚମହାଦେବଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନରେନ୍ଦ୍ରରେ ଜଳକ୍ରୀଡ଼ା କରିବେ। ତେବେ ଚଳିତ ବର୍ଷ ଚନ୍ଦନ ଯାତ୍ରା ଯେପରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେଥିଲାଗି ପୁରୀ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଏସ୍‌ପି ପ୍ରତୀକ୍ ସିଂ ନରେନ୍ଦ୍ର ପୁଷ୍କରିଣୀ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ପଞ୍ଚ ମହାଦେବଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେ କରିବା ସମୟରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ, ପାର୍କିଂ ଯାତାୟାତ ଏବଂ ସମଗ୍ର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ପ୍ରବେଶ ଓ ପ୍ରସ୍ଥାନ ପଥକୁ ଅଲଗା କରାଯିବ ଏବଂ ଆବଶ୍ୟକତାନୁସାରେ ବ୍ୟାରିକେଡିଂ ବ୍ୟବସ୍ଥା ହେବ। ପୁଲିସ ମୁତୟନ ସହିତ ସିସିଟିଭି କ୍ୟାମେରା ଦ୍ୱାରା ନିରନ୍ତର ନିରୀକ୍ଷଣ କରାଯିବ। ଫାୟାର ସେଫ୍ଟି ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଲାଇଫ୍ ଜ୍ୟାକେଟ୍, ଲାଇଫ୍ ଗାର୍ଡ ଓ ରେସ୍କ୍ୟୁ ଟିମ୍ ନିଯୁକ୍ତ ହେବେ। ବରିଷ୍ଠ ନାଗରିକ, ମହିଳା ଓ ଶିଶୁମାନଙ୍କ ସୁବିଧା ପାଇଁ ବିଶେଷ ବ୍ୟବସ୍ଥା କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ସେହିପରି ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୮ ଇନ୍ସପେକ୍ଟର ଓ ୨୦ ଜଣ ଏଏସ୍‌ଆଇ/ଏସ୍‌ଆଇଙ୍କ ସମେତ ୫୮ ଜଣ ହୋମ୍‌ଗାର୍ଡ ଉପସ୍ଥିତ ରହିବେ ବୋଲି ନିଷ୍ପତ୍ତି ହୋଇଛି। ଏସ୍‌ପିଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି | ୧୬ ଦିନରେ ସଚେତନତା ପଦଯାତ୍ରା

ପୁରୀ,୧୬।୪(ସମିସ): ପୁରୀ ସହର ଓ ସଦରବାସୀଙ୍କ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ସରକାର କି ପ୍ରଶାସନ କେହି ଶୁଣୁନାହାନ୍ତି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ପଙ୍କଜିନୀ ପ୍ରଧାନ, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ବାପିନା ସାମନ୍ତରାୟ, ରାଧେଶ୍ୟାମ ରଥ, ମନୋଜ ସାମଲ, ରାଜା ମହାନ୍ତି, ତନ୍ମୟ ଚାଟାର୍ଜୀ, ସୁମିତ୍ରା ବାରିକ, ଜଗନ୍ନାଥ ମହାନ୍ତି, ଦେବୀପ୍ରସାଦ ମିଶ୍ର, ଅମୂଲ୍ୟ ଦାସ, ରାମକୃଷ୍ଣ ମହାନ୍ତି, ଗାୟତ୍ରୀ ଦାସ, ମିନାକ୍ଷୀ ଦାସ, ପଙ୍କଜ ନାୟକ, ଭାରତୀ ମେହେର,



ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ଗୁରୁବାର ୧୬ତମ ଦିବସରେ ପହଞ୍ଚିଛି। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ପ୍ରାନ୍ତସିନୀ ଜେନା, ପ୍ରଦୀପ୍ତ ମହାନ୍ତି, ଅରୁଣା ପଟ୍ଟନାୟକ, ଦୀପା ବେହେରା, ପିହୁ ମିଶ୍ର, ବର୍ଷା ସାହୁ, ବିପାଶା ସିଂ, ସୌମ୍ୟ ସାହୁ, ପବିତ୍ର ମହାରଣା ଓ ଦେବାଶିଷ ଦାଶ ପ୍ରମୁଖ ଭାଗନେଇଥିଲେ।

## ୪ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରିବ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ

ପୁରୀ,୧୬।୪(ସମିସ): ଭାରତର ପ୍ରମୁଖ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ସଂଗଠନ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷ ମହାପ୍ରଭୁଙ୍କ ସେବା ପୂଜା ଓ ଉତ୍କଳର ଐତିହ୍ୟ, ଆଧ୍ୟାତ୍ମିକ ସାହିତ୍ୟର ସାରସ୍ୱତ ସାଧକ ରୂପେ ୪ଜଣ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ। ଗୁରୁବାର ଭୁବନେଶ୍ୱରସ୍ଥିତ ରାଧାବଲ୍ଲଭ ମଠ ପରିସରରେ ଅନୁଷ୍ଠାନର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଦଇତାପତି ସେବକ ତଥା ମା' ସୁଭଦ୍ରାଙ୍କର ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ରତ୍ନ ସମ୍ମାନ, ବରିଷ୍ଠ ଚିକିତ୍ସକ ତଥା ଐତିହ୍ୟ ବିଶାରଦ ଡା. ଇନ୍ଦ୍ରମଣି ଜେନାଙ୍କୁ



ଆନ୍ତର୍ଜାତିକ ଉତ୍କଳ ରତ୍ନ ସମ୍ମାନ, ବରିଷ୍ଠ ସାରସ୍ୱତ ସାଧକ ଇଂ. ରଶ୍ମିରଞ୍ଜନ ରାୟଙ୍କୁ ଆନ୍ତର୍ଜାତିକ ଉତ୍କଳ ବ୍ୟାସ ରତ୍ନ ସମ୍ମାନ ଏବଂ ବାରିପଦା ଜଗନ୍ନାଥ ମନ୍ଦିରର ବରିଷ୍ଠ ପୂଜାପଣ୍ଡା ସେବକ ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ଉପାଧିରେ ଭୂଷିତ କରାଯିବ। ଅନୁଷ୍ଠାନ ପକ୍ଷରୁ ଆସନ୍ତା ମେ' ୧୨ ତାରିଖରେ ଭୁବନେଶ୍ୱରରେ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ଐକ୍ୟ ସମ୍ମେଳନ ଅବସରରେ ରାଜ୍ୟର ବିଭିନ୍ନ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତା ଅଂଶଗ୍ରହଣ ପୂର୍ବକ ଇସ୍କନ ଅଦିନରେ ପାଳନ କରୁଥିବା ରଥଯାତ୍ରା ସମ୍ପର୍କରେ ଆଲୋଚନା କରାଯିବ। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କୁ ଆର୍ଥିକ ପୁରସ୍କାର ରାଶି, ସନନ୍ଦ, ପ୍ରମାଣପତ୍ର, ମହାପ୍ରଭୁଙ୍କ ଲାଗି ଗୀତଗୋବିନ୍ଦ ଖଣ୍ଡୁଆ ପାଟବସ୍ତ୍ର ଇତ୍ୟାଦି ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ମହାନିର୍ଦ୍ଦେଶକ ଡ. ଭାସ୍କର ମିଶ୍ର ସୂଚନା ଦେଇଛନ୍ତି।

ଏହି ବୈଠକରେ ମଠାଧୀଶ ରାମକୃଷ୍ଣ ଦାସ ମହାରାଜ, ମାର୍ଗଦର୍ଶକ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜ, ନିର୍ଦ୍ଦେଶକ ମନୋଜ କୁମାର ରଥ, ଡ. ଜଗବନ୍ଧୁ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ଉପଦେଷ୍ଟା ରାଧାବଲ୍ଲଭ ସିଂହ, ଇଂ. ବିଶ୍ୱରଞ୍ଜନ ନାୟକ, ଦୀପକ କୁମାର ମିଶ୍ର, ଦିଲ୍ଲୀପ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଲାଗି ପାଟ, ରଥ ଦଉଡ଼ି, ରଥ କଣ୍ଟା ଓ ଅନ୍ୟାନ୍ୟ ଉପକରଣମାନ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି।

## ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ




ପୁରୀ,୧୬।୪(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପ୍ରତିମା ପ୍ରିୟଦର୍ଶିନୀ କଳା ପ୍ରତିଭା ଅନୁଷ୍ଠାନ ପକ୍ଷରୁ ପ୍ରତିଭା ସମ୍ମାନ-୨୦୨୬ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସେବାୟତ ଭଗବାନ ସୁଆର, ପ୍ରଭୁଜୀ ଗୌରୀଶଙ୍କର ସିଂହାରୀ, ସୋମନାଥ ଖୁଣ୍ଟିଆ, ଯୁବ ସେବାୟତ ହରିଶଙ୍କର ମୁଦ୍ରା, ସମାଜସେବୀ ଅନିରୁଦ୍ଧ ରାଉତ, କାଦମ୍ବିନୀ ସାମର୍ଥ, ସ୍ମୃତିରଞ୍ଜନ ପତି, ପ୍ରଣତି ପଣ୍ଡା ଏବଂ ଶକ୍ତି ରାଉତ ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ପ୍ରତିମା ମହାନ୍ତି ଏଥିରେ ଅଧକ୍ଷତା କରିଥିବାବେଳେ ସମ୍ପାଦିକା ନିତୁ ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ନୃତ୍ୟଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ମିନତି ପ୍ରଧାନ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ରୀତା ମହାନ୍ତିଙ୍କୁ 'ମଣିମା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥି ସହିତ କଳା ନିର୍ଦ୍ଦେଶକ ଶରତ ମହାନ୍ତି, ସମାଜସେବୀ ସୁଧୀର କାନୁନ୍‌ଗୋ, ରୋଜା ମହାପାତ୍ର, ଅଭିନେତ୍ରୀ ରେଶମା ରଣା, ଶିଶୁ ନୃତ୍ୟ ଶିଳ୍ପୀ ଆରାଧ୍ୟା ନନ୍ଦ, ମୋନୀ ଦୀପା, ଶ୍ରୀୟାଶ୍ରୁତି ପାଣିଗ୍ରାହୀ, ତନୟା ଘୋଷାଲ ଏବଂ ଏ. ଦେବାଂଶୀ ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱସ୍ତି ପ୍ରଦ୍ୟାନି ନାୟକ, ପ୍ରିୟମ୍ବଦା ପୂଜାପଣ୍ଡା ଓ କିରଣ ପ୍ରିୟଦର୍ଶିନୀ ପଣ୍ଡା 'ମିସ୍ ପରମ୍ପରା' ଏବଂ ଗୋପାଲିସା ମହାନ୍ତି, ପପି ସାହୁ ଓ କଲ୍ୟାଣୀ ପ୍ରଧାନ 'ମିସେସ୍ ପରମ୍ପରା'ରେ ବିଜେତା ହୋଇଥିବାରୁ ସେମାନଙ୍କୁ କ୍ରାଉନ୍ ପିନ୍ଧାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁ ମନୋରଞ୍ଜନ ପ୍ରଧାନ ଏବଂ ମିନତି ପ୍ରଧାନ ଯୁଗଳବନ୍ଦୀ ଓଡ଼ିଶୀ ନୃତ୍ୟରେ ଅର୍ଦ୍ଧ ନାରୀଶ୍ୱର ପରିବେଷଣ କରିଥିଲେ। ପାରମ୍ପରିକ ଫେସନ ଶୋ' ପ୍ରଦର୍ଶିତ ହେବା ସହିତ ପରିଶେଷରେ ଅମିତ କୁମାର ଚାଟାର୍ଜୀଙ୍କ ନିର୍ଦ୍ଦେଶନାରେ ନାରୀ ସଶକ୍ତୀକରଣ ଉପରେ ଏକ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ।

## ରାଜ୍ୟପାଳଙ୍କୁ ସାକ୍ଷାତ୍ କଲେ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି

ପୁରୀ,୧୬।୪(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ପ୍ରଭାତ କୁମାର ମହାପାତ୍ର କୁଳପତି ଭାବେ ନିଯୁକ୍ତି ପାଇବା ପରେ ବୁଧବାର ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରିଛନ୍ତି। କୁଳପତି ବିଶ୍ୱବିଦ୍ୟାଳୟର ଶୈକ୍ଷିକ, ଭୌତିକ ଓ ଗବେଷଣା ମଣ୍ଡଳର କିପରି ବିକାଶ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟପାଳ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗିଣ ଉନ୍ନତି ପାଇଁ ସର୍ବବିଧ ପ୍ରୟାସ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ସଂସ୍କୃତ ଶିକ୍ଷା ଜଗତରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କୁଳପତି ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଭାରତୀୟ ଜ୍ଞାନ ପରମ୍ପରାର ସୁଦୃଢ଼ୀକରଣ, ପ୍ରସାରପ୍ରଚାର ବିଷୟକ ସାରଗର୍ଭକ ଆଲୋଚନା ପରେ କୁଳପତି ପ୍ରସନ୍ନ ଅନୁଭବ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ୍ ଅବସରରେ କୁଳପତି ରାଜ୍ୟପାଳଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ଆତିଥ୍ୟ ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ରାଜ୍ୟପାଳ ମଧ୍ୟ ପରିଭ୍ରମଣ ନିମନ୍ତେ ଇଚ୍ଛା




ପ୍ରକାଶ କରିଥିଲେ। ସଂସ୍କୃତ ଭାଷାର ଗୁଣାତ୍ମକ ଉନ୍ନତି ନିମନ୍ତେ ରାଜ୍ୟପାଳ ବିଶେଷ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତ୍ୟକ୍ଷ ପ୍ରକାଶ କରିଛନ୍ତି। ରାଜଭବନରେ କୁଳପତିଙ୍କ ସହିତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ମଧ୍ୟ ଉପସ୍ଥିତ ଥିଲେ।

## ନାରୀ ଶକ୍ତି ବନ୍ଦନ ସମ୍ମିଳନୀ: ମହିଳାଙ୍କ ମଧ୍ୟରେ ଦକ୍ଷତା ଓ ଜ୍ଞାନ ଭରପୂର ରହିଛି

ପୁରୀ,୧୬।୪(ସମିସ): ମହିଳା ଅବଳା କି ଦୁର୍ବଳା ନୁହନ୍ତି। ସେମାନେ ସବୁ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିପାରିଛନ୍ତି। ମହିଳାଙ୍କ ମଧ୍ୟରେ ଦକ୍ଷତା ଓ ଜ୍ଞାନ ଭରପୂର ରହିଛି। ସରକାର ମଧ୍ୟ ମହିଳାଙ୍କୁ ଆହୁରି ସଶକ୍ତ ଓ ନେତୃତ୍ୱ ନେବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ପ୍ରତ୍ୟେକ ମହିଳା ସଶକ୍ତ ଓ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଗୁରୁବାର ଟାଉନ ହଲ୍‌ରେ ଅନୁଷ୍ଠିତ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡ଼ା ଏହା କହିଛନ୍ତି। ଏଥିରେ ବାଚସ୍ପତି ସୁରମା ପାଢ଼ୀ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ରାଜ୍ୟର ବହୁ ପ୍ରତିଭାବାନ ମହିଳା ଜାତୀୟସ୍ତରରେ କେବଳ ନିଜ ଦକ୍ଷତାକୁ ପ୍ରମାଣ କରିନାହାନ୍ତି, ବରଂ ତାଙ୍କ ନେତୃତ୍ୱରେ ଦେଶ ପ୍ରଗତି ଧାରାରେ ଅଗ୍ରସର ହେଉଛି ବୋଲି କହିଥିଲେ। ବିଧାୟିକା ଉପାସନା ମହାପାତ୍ର, ରାଜ୍ୟ ମହିଳା ଆୟୁକ୍ତ ସଦସ୍ୟା ଉର୍ମିଳା ମହାପାତ୍ର, ପୁରୀ ମହାନଗର ନିଗମ (ପିଏମ୍‌ସି) କମିଶନର ଅରୁଗୁଲା ସ୍ନେହା, ଆଇପିଏସ୍ ଏ.କେ. ବିଜୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ




ତନୁପ୍ରଭା ବେହୁରିଆ ପ୍ରମୁଖ ଅତିଥି ଭାବେ ଯୋଗଥିଲେ। ସ୍ୱାସ୍ଥ୍ୟ, ଆଇନ, କ୍ରୀଡ଼ା, ଉଦ୍ୟୋଗ, ସାଂସ୍କୃତିକ କ୍ଷେତ୍ରରେ ପ୍ରତିଭାଶାଳୀ ମହିଳାମାନେ ନିଜ ଚଲାପଥରେ ଆସିଥିବା ଆହ୍ୱାନ ଏବଂ ପ୍ରେରଣାଦାୟୀ କାହାଣୀ କହିଥିଲେ। କିଛି ମହିଳା ପ୍ରତିଭାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ସମ୍ମିଳନୀ ପୂର୍ବରୁ ସକାଳେ ସୁଭାଷ ବୋଷ ଛକଠାରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ନାରୀଶକ୍ତି ବନ୍ଦନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶୁଭାରମ୍ଭ କରିଥିଲେ। ବହୁ ସଂଖ୍ୟାରେ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲର ସଫଳତା

ପୁରୀ,୧୬।୪(ସମିସ): ଚଳିତ ବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପୁରୀ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରି ବିଦ୍ୟାଳୟ ତଥା ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ଦଶମ ଶ୍ରେଣୀରେ ମୋଟ୍ ୧୪୯ ଜଣ ପରୀକ୍ଷା ଦେଇଥିଲେ ଓ ୧୪୬ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ମୋଟ ପାସ୍‌ହାର ୯୭.୯୮ ପ୍ରତିଶତ ହୋଇଥିବାବେଳେ ବିଦ୍ୟାଳୟର ଛାତ୍ର ଶିବ ପ୍ରସାଦ ମିଶ୍ର (୯୮.୬ ପ୍ରତିଶତ) ପ୍ରଥମ ସ୍ଥାନ, ପ୍ରଣବ ସାହୁ (୯୭.୮ ପ୍ରତିଶତ) ଦ୍ୱିତୀୟ ସ୍ଥାନ ଏବଂ ଶୁଭମ୍ ମହାପାତ୍ର (୯୭.୨ ପ୍ରତିଶତ) ତୃତୀୟ ସ୍ଥାନ ଅର୍ଜନ କରି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଏତଦ୍‌ବ୍ୟତୀତ ବିଦ୍ୟାଳୟର ମୋଟ ୩୪ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ୧୪ଜଣ ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଅନୁଷ୍ଠାନର ଅଧକ୍ଷା ଜ୍ୟୋତ୍ସ୍ନା ମଙ୍ଗରାଜ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

● ସିବିଏସ୍‌ଇ ପରୀକ୍ଷାରେ ଅନନ୍ୟ ସଫଳତା

## ଟିନାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ପୁରୀ,୧୬।୪(ସମିସ): ବୁଧବାର ପ୍ରକାଶିତ ଚଳିତ ବର୍ଷର ସିବିଏସ୍‌ଇ ପରୀକ୍ଷା ଫଳରେ ପୁରୀ ଜିଲ୍ଲା ଉତ୍କର୍ଷତା ଦେଖାଇ ସାରା ରାଜ୍ୟରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି। ପୁରୀ ଜିଲ୍ଲା ମଦର୍ସ ପବ୍ଲିକ୍ ସ୍କୁଲ, ଗୋରୁଆଳର ଛାତ୍ରୀ ଟିନା ରଥ ଶତ ପ୍ରତିଶତ (୫୦୦ରୁ ୫୦୦) ନମ୍ବର ରଖି ରାଜ୍ୟ ତଥା ଦେଶରେ ପୁରୀ ଜିଲ୍ଲାର ନାଁକୁ ନମ୍ବର ୧ରେ ପ୍ରତିପାଦନ କରିଛନ୍ତି। ଏହି ଉତ୍କର୍ଷତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟିନାଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ମାଆ ରେଣୁପ୍ରଭା ଦାଶ ଓ ବାପା ସମୀର କୁମାର ରଥଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଏନ୍. ତିରୁମାଲା ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଏହି ଉତ୍କର୍ଷତା ପାଇଁ ପୁରୀ ଜିଲ୍ଲାର ଟେକ ରଖିଥିବାରୁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଭିନନ୍ଦନ ଜଣାଇବା ସହିତ ଟିନାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଶ୍ରୀମନ୍ଦିର ଭିତର ଫଟୋ ଉଠାଇଲେ ଶ୍ରଦ୍ଧାଳୁ

● ଜରିମାନା ଆଦାୟ କରି ଛାଡ଼ିଲା ପୁଲିସ

ପୁରୀ,୧୬।୪(ସମିସ): ପୁଣି ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେଇ ଫଟୋ ଉଠଇଲେ ଶ୍ରଦ୍ଧାଳୁ। ଏହି ଘଟଣାରେ ହାଇଦରାବାଦର ଜଣେ ୧୫ ବର୍ଷୀୟା ଝିଅଠାରୁ ଜରିମାନା ଆଦାୟ କରି ଛାଡ଼ିଛି ସିଂହଦ୍ୱାର ଥାନା ପୁଲିସ। ସୂଚନା ଅନୁସାରେ, ହାଇଦରାବାଦରୁ ଝିଅଟି ତାଙ୍କ ସମ୍ପର୍କୀୟଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ଗୁରୁବାର ସେମାନେ ଦର୍ଶନ କରିବା ଲାଗି ମନ୍ଦିର ଭିତରକୁ ଯାଇଥିଲେ। ସମ୍ପୃକ୍ତ ଝିଅ ସାଥୀରେ ମୋବାଇଲ୍ ନେଇ ଯାଇଥିଲା। ଭିତରେ ମନ୍ଦିରର ଫଟୋ ଉଠାଉଥିବାବେଳେ ଜଣେ ସେବାୟତଙ୍କ ନଜରକୁ ଆସିଥିଲା। ଏହି ସମୟରେ ସେବାୟତ ଜଣକ ଡ୍ୟୁଟିରେ ଥିବା ପୁଲିସକୁ ଅବଗତ କରାଇଥିଲେ। ସମ୍ପୃକ୍ତ ପୁଲିସ କର୍ମଚାରୀ ତାଙ୍କୁ ମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ବାରଣ ଥିବା ସତ୍ତ୍ୱେ କେମିତି ଆଣି ଫଟୋ ଉଠାଇଲ ବୋଲି ପ୍ରଶ୍ନ କରିଥିଲେ। ପରେ ଝିଅଟିକୁ ସିଂହଦ୍ୱାର ଥାନାକୁ ଆଣିଥିଲେ। ପୁଲିସ ତାଙ୍କୁ ପଚରାଉଚରା କରିଥିଲା। ମୋବାଇଲ୍ ଫୋନ୍ ଯାଞ୍ଚ କରି ଉଠିଥିବା କିଛି ଫଟୋ, ଭିଡିଓ ଡିଲିଟ୍ କରିବା ସହ ଜରିମାନା ଆଦାୟ କରି ଛାଡ଼ିଥିବା ଜଣାପଡ଼ିଛି।

## ନୂଆରୂପ ପାଇବ 'ରାଣୀ ତଳାବ'

ଖର୍ଚ୍ଚ ହେବ ୫୦ ଲକ୍ଷ ଟଙ୍କା

ପୁରୀ,୧୬।୪(ସମିସ): ବଦଳିବ ଐତିହ୍ୟ ପୁଷ୍କରିଣୀ 'ରାଣୀ ତଳାବ'ର ରୂପରେଖ। ପୁରୀ ସହର ଉପକଣ୍ଠ ବୀର ହରେକୃଷ୍ଣପୁର ଗାଁ ମୁଣ୍ଡରେ କାହିଁ କେଉଁ କାଳରୁ ପ୍ରତିଷ୍ଠିତ ଏହି ପୁଷ୍କରିଣୀକୁ ଦିଆଯିବ ନୂଆ ରୂପ। ଏଥିପାଇଁ ଖର୍ଚ୍ଚ ହେବ ୫୦ ଲକ୍ଷ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଜିଲ୍ଲା ପରିଷଦ ଜରିଆରେ ଏହି ଅର୍ଥ ଯୋଗାଇ ଦିଆଯାଇଛି।

ବୀରହରେକୃଷ୍ଣପୁରର ରାଣୀ ତଳାବ ଆକାରରେ ଖୁବ୍ ବଡ଼। ତେଣୁ ଏହାର ଭିନ୍ନ ଏକ ନାମ ହେଉଛି ବଡ଼ ପୋଖରୀ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଏହି ପୋଖରୀ ୧୨ ଏକର ପରିମିତ ଜାଗାରେ ଥିଲା। କିନ୍ତୁ କିଛି ସ୍ଥାନ ଅବରୋଧ ପରେ ଏବେ ୧୦ ଏକରକୁ ସଙ୍କୁଚିତ ହୋଇଛି। ଅତୀତରେ ନରେନ୍ଦ୍ର ପୁଷ୍କରିଣୀ ପୂର୍ବରୁ ରାଣୀ ତଳାବରେ ଚନ୍ଦନ ଯାତ୍ରା ବା ଚାପ ଖେଳ ହେଉଥିଲା ବୋଲି ଶୁଣିବାକୁ ମିଳେ। ପୁଷ୍କରିଣୀ ମଝିରେ ଥିବା ଦୀପିଦଣ୍ଡି ଚତୁଃପାର୍ଶ୍ୱରେ ମଦନ ମୋହନ ନୌକା ବିହାର କରୁଥିଲେ। ପରବର୍ତ୍ତୀ ସମୟରେ ଏହା ନରେନ୍ଦ୍ର ପୁଷ୍କରିଣୀକୁ ସ୍ଥାନାନ୍ତର ହୋଇଥିଲା। ଏବେ ଏହା କେବଳ ସଙ୍କୁଚିତ ହୋଇନାହିଁ ବରଂ ଏହା ମଧ୍ୟକୁ



ବର୍ଜ୍ୟ ଜଳ ମଧ୍ୟ ଛଡ଼ାଯାଉଛି। ତେଣୁ ପ୍ରଥମେ ଏହାର ସୁରକ୍ଷା ପାଇଁ ସୀମାରେ ପ୍ରାଚୀର ନିର୍ମିତ ହେବା ଆବଶ୍ୟକ। ଏଥିସହ ଚତୁଃପାର୍ଶ୍ୱରେ ଲ୍ୟାଣ୍ଡସ୍କେପ୍, ପାଥ୍‌ୱେ ଓ ଆଲୋକ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା ମତ ରଖିଛନ୍ତି। ରାଣୀ ତଳାବ ବହୁ ପ୍ରାଚୀନ ପୁଷ୍କରିଣୀ ହୋଇଥିବାରୁ ଏହାର ଉନ୍ନତି ଆବଶ୍ୟକତା ରହିଥିଲା। ତେବେ ଏହାର ଉନ୍ନତିକରଣ ପାଇଁ ମଞ୍ଜୁର ଅର୍ଥରେ ଦୀପିଦଣ୍ଡିର ନବୀକରଣ କରାଯିବ। ପୋଖରୀ ୩ ପାର୍ଶ୍ୱରେ ପାଦଚଲା ରାସ୍ତା ନିର୍ମିତ ହେବ। ଛୋଟ ପାର୍କ ମଧ୍ୟ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପୁରୀ ସଦରର ୩ଟି ପ୍ରକଳ୍ପ ଓ ଗୋପର ଗୋଟିଏ ପ୍ରକଳ୍ପ ପାଇଁ ମୋଟ୍ ୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଯେଉଁଥିରେ ରାଣୀ ତଳାବ ପାଇଁ ୫୦ ଲକ୍ଷ, ଶ୍ରୀମନ୍ଦିର ଉତ୍ତର ପୂର୍ବ କୋଣରେ ଦୋଳବେଦୀ ପଛ ପାର୍ଶ୍ୱରେ ଥିବା ଶ୍ରୀଶ୍ରୀ ସତ୍ୟନାରାୟଣ ମନ୍ଦିରର ଏକ ପୂଜା ମଣ୍ଡପ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ଗଡ଼ମୃଗଶିରାରେ ଯୋଡ଼ାଲିଙ୍ଗ ମନ୍ଦିର ଭୋଗ ମଣ୍ଡପ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଗୋପର ଗଡ଼ଭିଙ୍ଗୁରା ଜିପି ହାଇସ୍କୁଲର ଅତିରିକ୍ତ କ୍ଲାସ୍‌ରୁମ୍ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସୂଚନା ମିଳିଛି।

# ଚମ୍ପାଇଲୋ ଅନଙ୍ଗ ରାମଲୀଳାରେ ଲଙ୍କାପୋଡ଼ି

ଖୋର୍ଦ୍ଧା/ବୋଲଗଡ଼, ୧୬।୪(ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ଚାଲିଥିବା ପ୍ରସିଦ୍ଧ ଅନଙ୍ଗ ରାମଲୀଳା ର ଯାତ୍ରା ଉତ୍ସବର ଲଙ୍କାପୋଡି ପ୍ରସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରାମଲୀଳାର ଯାତ୍ରାକୁ ମଞ୍ଚଗୁରୁ ସୁଶାନ୍ତ ମତଗଜସିଂହଙ୍କ ସଂଯୋଜନା କରିଥିଲେ। ନାଟକରେ କିଷ୍କିନ୍ଧା କାଣ୍ଡ ଓ ଲଙ୍କାକାଣ୍ଡର ପରିବେଷଣ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଏଥିରେ ସବୁଠାରୁ ଭାବପୂର୍ଣ୍ଣ ଦୃଶ୍ୟ ଥିଲା ଅଶୋକ ବନରେ ମାତା ସୀତାଙ୍କୁ



ହନୁମାନଙ୍କ ଦର୍ଶନ। ମାତା ସୀତାଙ୍କୁ ହନୁମାନ ପ୍ରଭୁ ଶ୍ରୀରାମଙ୍କ ହସ୍ତ ମୁଦ୍ରିକା' ପ୍ରଦାନ ଏବଂ ମୁଦ୍ରିକା ପାଇ ମାତା ସୀତା ପ୍ରଭୁଙ୍କ ସନ୍ଦେଶ ପାଇ ଭାବବିହ୍ୱଳ ହୋଇପଡ଼ିବା ଦୃଶ୍ୟ ଦର୍ଶକଙ୍କ ଆଖିରେ ଲୁହ ଆଣିଦେଇଥିଲା। ପରେ ହନୁମାନଙ୍କ ଦ୍ୱାରା ରାବଣ ପୁତ୍ର ଅକ୍ଷୟ କୁମାରଙ୍କ ସମେତ ଅନେକ ଅସୁର ନିହତ ହୋଇଥିଲେ। ହନୁମାନଙ୍କ ଦ୍ୱାରା ଲଙ୍କାପୋଡି ଦୃଶ୍ୟ ପରିବେଷିତ ହୋଇଥିଲା। ଏହି ସବୁ ଦୃଶ୍ୟ ଦେଖିବା ପାଇଁ ଦର୍ଶକଙ୍କ ସମାଗମ ବଢ଼ିଯାଇଥିଲା। ବିଶିଷ୍ଟ ପୋଥି ଗାୟକ ତଥା ଶିକ୍ଷାବିତ୍ ଅଇଁଠା ରଣଜିତସିଂହ ଓ ଶଙ୍କର ବଳିୟାରସିଂହଙ୍କ ଦ୍ୱାରା ଅନଙ୍ଗ ନରେନ୍ଦ୍ର କୃତ ପୋଥି ଗାନ କରାଯାଇଥିଲା। ଅଭିନୟରେ ହନୁମାନ ଗୋବିନ୍ଦ ଚମ୍ପତି, ସୁଗ୍ରୀବ ଅକ୍ଷୟ ରାଉତରାୟ, ରାଣୀ ମନ୍ଦୋଦରୀ ଭୋଳା ଜଗଦେବ, ଇନ୍ଦ୍ରଜିତ୍ ଅବୁଲ୍ ବେହେରା, ରାବଣ ପୁତ୍ର ଅକ୍ଷୟ ଶୁଭ ରାଉତରାୟ, ଲଙ୍କାଦେବୀ ବାପି ରାଉତରାୟଙ୍କ ନିଖୁଣ ଅଭିନୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଥିଲେ। ବାବୁ ପାଲଟାସିଂହ, ବନ୍ଧୁଆ ଜେନା, ବାନାମ୍ବର ଜଗଦ୍ଦେବ, ଦୀପକ ଜେନା, ନକୁଳ ରଣସିଂହ, କୈଳାସ ଚମ୍ପତି, ନକୁଳ ରାୟ, କାବୁ ବରାଡ, ଗୌତମ ଜେନା, ଆନନ୍ଦ ସମାନ୍ତରାୟ, ଝରିଆ ବରାଡ ଓ ଜଗନ୍ ସାମନ୍ତ ପ୍ରମୁଖ ରୂପସଜ୍ଜା ଓ ପୋଥି ପାଳିଆରେ ସହଯୋଗ କରିଥିଲେ।

### ଫାର୍ମ ହାଉସ୍‌ରୁ ଜବରଦଖଲ ଉଚ୍ଛେଦ ଘଟଣା

# ସରିଲା କଣ୍ଟ; କୋଟିଏ ଟଙ୍କାର ଘର ହେଲାନି ଉଚ୍ଛେଦ

ଖୋର୍ଦ୍ଧା, ୧୬।୪(ସମିସ)

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରସାହି ମୌଜାରେ ଏକର ଏକର ସରକାରୀ ଜମିରେ ଗଢି ଉଠିଥିବା ଫାର୍ମ ହାଉସ୍‌ରୁ ଗତକାଲି ପ୍ରଶାସନ ପ୍ରାୟ ୧ଏକର ଜମି ଉଚ୍ଛେଦ କରିଥିଲା। ମାତ୍ର ଏବେ ମଧ ଅନେକ ସରକାରୀ ଜମି ଓ ଏଥିରେ ଗଢିଉଠିଥିବା କୋଟିଏରୁ ଉର୍ଦ୍ଧ୍ୱ ମୁଲ୍ୟର କୋଠାକୁ ଉଚ୍ଛେଦ କରାଯାଇନି। ଉକ୍ତ ଘରକୁ ଉଚ୍ଛେଦ ପୂର୍ବରୁ ପ୍ରଶାସନ ଜବରଦଖଲକାରୀଙ୍କୁ ୨୪ଘଣ୍ଟା ମହଲତ ଦେଇଥିଲା। ଯାହାର ସମୟ ଅବଧି ଶେଷ ପରେ ବି ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟାକୁ ଶୀଥିଳ କରିବାକୁ ନେଇ ଉଠିଛି ପ୍ରଶ୍ନ। ପ୍ରଶାସନର ସମୟ କଣ୍ଟ ପୂରିଥିଲେ ମଧ କାହିଁକି ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବାକୁ ପଛଘୁଁଚା ଦେଉଛି ଅଭିଯୋଗକାରୀମାନେ ପ୍ରଶ୍ନ କରିଛନ୍ତି। ଏହାରି ମଧରେ ପ୍ରଶାସନିକ ଅଧିକାରୀଙ୍କ ଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବା ଏବେ ସମସ୍ତଙ୍କୁ ଚକିତ କରିଛି।

ପ୍ରକାଶ ଥାଉକି, ନିକଟରେ ଗରିବ ଦୋକାନୀମାନଙ୍କୁ ସରକାରୀ ଜମିରୁ ଉଚ୍ଛେଦ କ୍ଷେତ୍ରରେ ଖୋର୍ଦ୍ଧା ପ୍ରଶାସନର ନିୟମ କଡ଼ାକଡ଼ି ପାଳନ ହେଉଥିବାବେଳେ ବିତ୍ତଶାଳୀ ଫାର୍ମ ହାଉସ୍ ମାଲିକଙ୍କ କ୍ଷେତ୍ରର ଉଚ୍ଛେଦ ନିୟମ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଦେଖିବାକୁ ମିଳିଛି। ଖୋର୍ଦ୍ଧା ସହରକୁ ଜବରଦଖଲ ମୁକ୍ତ କରିବାକୁ ଯାଇ ବିଗତ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ଜାରି ହେବା ପରେ ଦୋକାନୀମାନଙ୍କୁ ଦୋକାନ ଭିତରୁ ଜିନିଷ କାଢିବାକୁ ମହଲତ ନ ଦିଆଯାଇ ଧାର୍ଯ୍ୟ ତାରିଖରେ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ଉକ୍ତ



ସମୟରେ ବ୍ୟବସାୟୀଙ୍କ ବହୁ କ୍ଷତି ହୋଇଥିବା ନଜିର ରହିଛି।

ମାତ୍ର ଗତ ବୁଧବାର ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରସାହି ମୌଜା ଅଞ୍ଚଳରେ ସରକାରୀ ଜମିରେ ଗଢିଉଠିଥିବା ଉଚ୍ଚ ଅଟ୍ଟାଳିକା ଓ ବିଶାଳ ପ୍ରାଚୀର ନିର୍ମାଣ କରିଥିବା ବିତ୍ତଶାଳୀ ଫାର୍ମ ହାଉସ୍ ମାଲିକଙ୍କୁ ଉପ ଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ନୋଟିସକୁ ୨୪ଘଣ୍ଟା ରୁ ଅଧିକ ସମୟ ବିତିଯାଇଛି। ଏହା ପରେ ମଧ ଉକ୍ତ ଜବରଦଖଲକାରୀଙ୍କୁ ଆହୁରି ସମୟ ଦେବା ପଛରେ ପ୍ରଶାସନିକ ଅଧିକାରୀଙ୍କ ଭୂମିକା କୁ ନେଇ ଉଠିଛି ପ୍ରଶ୍ନ।

ମାନ୍ୟବର ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ମଧ ଏହି ମହଲତ ଦେବା ପଛରେ କୌଣସି ନ୍ୟସ୍ତସ୍ୱାର୍ଥ ପ୍ରଶାସନିକ ଅଧିକାରୀଙ୍କ କିଛି ମହତଙ୍କାକ୍ଷା ଲୁକାୟିତ ରହୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ପ୍ରଶାସନର ଢିଲା ମନୋଭାବ ପୁନର୍ବାର ଜବରଦଖଲକାରୀ ନ୍ୟାୟାଳୟରୁ ରହିତାଦେଶ ଆଣିବା ପାଇଁ ପରୋକ୍ଷରେ ସମର୍ଥନ ରହୁଥିବା ସ୍ଥାନୀୟ ଅଞ୍ଚଳର ଚାଷୀ ମାନେ ଅଭିଯୋଗ କରିଛନ୍ତି। ଉକ୍ତ ଜବରଦଖଲକାରୀଙ୍କ ପ୍ରତି ପ୍ରଶାସନିକ

### ପ୍ରଶାସନର ଉଦାସୀନତାକୁ ନେଇ ପ୍ରଶ୍ନ କଲେଣି ସ୍ଥାନୀୟ ଲୋକ

ଅଧିକାରୀଙ୍କ କୋହଳ ମନୋଭାବ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆଗାମୀ ଦିନରେ ଏକ ବଡ ଧରଣର ଜନ ଆନ୍ଦୋଳନ ର ଆଶଙ୍କା ସୃଷ୍ଟି କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମାନି ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେଇ ସମସ୍ତ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦକୁ ତ୍ୱରାନ୍ୱିତ କରିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଏନେଇ ତହସିଲଦାର ବିଭାସ ପାଣିଗ୍ରାହୀଙ୍କୁ ପଚାରିବାରେ ଏନେଇ ପଦକ୍ଷେପ ନିଆଯାଉଛି। ଆଦର୍ଶଥାନା ଅଧିକାରୀଙ୍କ ସହଯୋଗ ମିଳୁନି। ଫୋର୍ସ ଠିକ୍ ରେ ମିଳିନଥିବାରୁ ଉଚ୍ଛେଦ କରିବାରେ ବିଳମ୍ବ ହେଉଛି। ଜବରଦଖଲକାରୀଙ୍କୁ ଦିଆଯାଇଥିବା ସମୟ ଶେଷ ହୋଇଛି, ସେ ଉକ୍ତ ଘରୁ ଆସବାବପତ୍ର ଖାଲିନକଲେ ପ୍ରଶାସନ ଖାଲି କରି ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଉଚ୍ଛେଦ କରିବ ବୋଲି କହିଛନ୍ତି।

## ରାମନବମୀ ବ୍ରତ ପୂଜା ଉଦ୍‌ଯାପିତ

ବାଲୁଗାଁ, ୧୬।୪(ସମିସ): ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ଚୈତ୍ର ଶୁକ୍ଳପକ୍ଷ ପବିତ୍ର ଶ୍ରୀରାମ ନବମୀ ଦିନଠାରୁ ଆରମ୍ଭ ହୋଇ ସମଗ୍ର ବାଲୁଗାଁ ବାଣପୁର ଅଞ୍ଚଳରେ କେଉଁଠାରେ ୩ ଦିନ ତ ଆଉ କେଉଁଠାରେ ୫ ରୁ ୭ ଦିନ ଏବଂ କେଉଁଠି ଦୀର୍ଘ ୨୧ ଦିନ ଧରି ସମାରୋହରେ ଏହି ଉତ୍ସବ ପାଳିତ ହୋଇ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଲୁଗାଁ ଏନଏସି ଅନ୍ତର୍ଗତ ରାମପୁର ଗ୍ରାମରେ ପ୍ରତି ବର୍ଷ ପରି ଚଳିତ ବର୍ଷ ରାମନବମୀ ମହୋତ୍ସବ ୨୧ ଦିନ ବ୍ୟାପି ଆଡମ୍ବର ସହ ପାଳିତ ହେଉଥିବାବେଳେ ଗ୍ରାମର ଶହ ଶହ ଉପାସନାକାରୀ ମାନେ ରାମ ନବମୀ ବ୍ରତ ପାଳନ କରି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ୨୧ ଦିନର ବ୍ରତ ପରେ ଗୁରୁବାର ବିଭିନ୍ନ ଗ୍ରାମରେ ଏହି ମହୋତ୍ସବ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉପାସନାକାରୀ ମାନେ ପରସ୍ପରକୁ ଫଗୁ ଲଗାଇ ଶୋଭାଯାତ୍ରାରେ ଯାଇ ନିଜର ବ୍ରତ ସହ ଗ୍ରାମରେ ବିରଜମାନ ହୋଇଥିବା ମୃଣ୍ମୟ ମୂର୍ତ୍ତିକୁ ନିକଟସ୍ଥ ଜଳାଶୟ, କେନାଲ ଓ ହ୍ରଦ ଆଦିରେ ବିସର୍ଜନ କରିଛନ୍ତି। ଶ୍ରୀରାମ ନବମୀ ବ୍ରତ ଉପାସନା କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଜନ ମାନସରେ ବିଶ୍ୱାସ ରହିଛି। ସେହିପରି ବାଲୁଗାଁ ଅଞ୍ଚଳର ପଦନପୁର, ସାମନ୍ତରାପୁର, ସରଳାପଦର, ବାଲୁଗାଁ ନିକଟସ୍ଥ ଖାରିବନ୍ଧ, ବଡ଼କୂଳ ପାନ୍ଥନିବାସ ରୋଡ଼, ଗଡ଼ଦ୍ୱାର, ଛତ୍ରଗଡ଼ ଓ ବାଣପୁର ଆଦି ବିଭିନ୍ନ ଗ୍ରାମରେ ରାମନବମୀ ବ୍ରତ ପାଳନ କରିଆସୁଥିବା ବେଳେ ଗୁରୁବାର ଉଦଯାପିତ ହୋଇଯାଇଛି।

## ଲଗାଇବାର ୨ ଦିନ ପରେ ଖୋଲି ନେଇଗଲେ ସୋଲାର ଲାଇଟ୍

ବେଗୁନିଆ, ୧୬।୪ (ସମିସ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଆଲୋକି କରଣ ପାଇଁ ବାଘମାରୀ ଓ ବେଗୁନିଆ ବଜାରରେ ଲାଇଟର ବ୍ୟବସ୍ଥା ରହିଛି। ଏହି ଆଲୋକୀ କରଣ ପୂର୍ବରୁ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଲାଇଟ୍ ଲଗାଇବା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବାଘମାରୀ ବଜାରରେ ମୋଟ ୬୨ ଗୋଟି ଲାଇଟ୍ ଲଗାଇବାକୁ ବ୍ୟବସ୍ଥା ଥିବା ବେଳେ ସେଥିରୁ ୨୨ ଗୋଟି ବାଦ ଦେଇ ଦିନରେ ୪୦ ଟି ସୋଲାର ଲାଇଟ୍ ଲଗାଯାଇ ଥିଲା। ତେବେ ୪୦ଟି ସୋଲାର ଲାଇଟ୍ ମଧ୍ୟରୁ ଦୁଇ ଦିନ ପରେ ରାତ୍ରରେ ୧୦ ଗୋଟି ଲାଇଟ୍ ଖୋଲି ନେଇ ଯାଇଥିବାର ସମାଜସେବୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଯୋଗାଯୋଗରେ କହିବା ସହ ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏହି ଘଟଣା ୧୫ ଦିନରୁ ଅଧିକ ଦିନ ବିତି ଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଲାଇଟ୍ ଲଗା ଯାଇ ନ ଥିବାରୁ ସାଧାରଣରେ ଅଜବ ନୀତି ସମ୍ପର୍କରେ ଆଲୋଚନାର ଖୋରାକ ଯୋଗାଇ ଦେଇଛି। ଏଥିରେ ବିଭାଗୀୟ ଯନ୍ତ୍ରୀ ରାକେଶ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ସେଥିରୁ କିଛି ଖରାପ ଲାଇଟ୍ ଖୋଲା ଯାଇଥିବା ବେଳେ କ୍ରେନ୍ ଦଶପଲ୍ଲାରେ ଥିବାରୁ ସୋଲାର ଲାଇଟ୍ ଲଗା ଯାଇ ପାରି ନାହିଁ ବୋଲି ସୂଚନା ଦେଇଛନ୍ତି। ଏପରିକି ବେଗୁନିଆ ବଜାରରେ କିଛି ଲାଇଟ୍ ଅସ୍ୱଷ୍ଟ ଜଳୁଛି ବୋଲି ଅବଗତ ଅଛନ୍ତି ବୋଲି କହିଛନ୍ତି। ତୁରନ୍ତ ଯୁଦ୍ଧକାଳୀନ ଭିତିରେ ଲାଇଟ୍ ଲଗାଇବାକୁ ଜନ ସାଧାରଣ ମାନେ ଦାବି କରିଛନ୍ତି।

## ଜମିକୁ ରାସ୍ତା ଦାବିରେ ଜିଲ୍ଲାପାଳଙ୍କୁ ମହିଳାଙ୍କ ପତ୍ର

ଖୋର୍ଦ୍ଧା, ୧୬।୪(ସମିସ): ନିଜର ଫସଲ ଜମିକୁ ରାସ୍ତା ନ ଛାଡିବା ଏବଂ କିଛି ଖଳ ପ୍ରକୃତିର ଲୋକମାନେ ଜାଣିଶୁଣି ହଇରାଣ କରିବା ରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଜଣେ ମହିଳା। ତେଣୁ ଚାଷ ଜମିକୁ ଯାତାୟତ ଲାଗି ରାସ୍ତା ପ୍ରଦାନ କରିବା ଦାବିରେ ବୋଲଗଡ଼ ବ୍ଲକ ବାଙ୍କୋଇ ଦେଶ ଗ୍ରାମପଞ୍ଚାୟତ ବାଙ୍କୋଇ ଗ୍ରାମର ପୁଷ୍ପଲତା ବଳିୟାରସିଂହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ବାଙ୍କୋଇ ଗ୍ରାମର ପୁଷ୍ପଲତା ଙ୍କର ଉକ୍ତ ମୌଜାର ପ୍ଲଟ ନଂ- ୧୬୫୧ ଓ ୧୬୫୮ ରେ ଥିବା ଜମିରେ ବିଭିନ୍ନ ପ୍ରକାର ଫସଲ ରହିଛି। ଦୀର୍ଘବର୍ଷ ହେବ ଉକ୍ତ ଜମିକୁ ପୁଷ୍ପଲତାଙ୍କ



ପରିବାର ଭୋଗଦଖଲ କରିଛନ୍ତି। ଉକ୍ତ ଜମିକୁ ଯିବାକୁ ହେଲେ ଆଗରେ ରହିଥିବା ସରକାରୀ ଜମି ରାସ୍ତା ଦେଇ ଯିବାକୁ ହୁଏ। ମାତ୍ର ଉକ୍ତ ସରକାରୀ ଜମିକୁ ଗ୍ରାମର କିଛି ଖଳ ପ୍ରକୃତିର ଲୋକ ଜବରଦଖଲ କରିଛନ୍ତି। ଏପରିକି ପୁଷ୍ପଲତା ନିଜ ଜମିକୁ ଯାଇପାରୁନଥିବା ଅଭିଯୋଗ କରିଛନ୍ତି। କେବଳ ଯାଇପାରୁନାହାନ୍ତି ନୁହେଁ ବରଂ ଜମିରେ ଥିବା ଆମ୍ବ, ଗୁଆ, ନଡ଼ିଆ ଭଳି ଅନେକ ଫଳନ୍ତି ଗଛ ଗୁଡିକୁ ଉକ୍ତ ବ୍ୟକ୍ତିମାନେ ଜବରଦସ୍ତ କରି ଭାଙ୍ଗି ଦେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତାଙ୍କ ଜମି ଆଗରେ ଥିବା ସରକାରୀ ଜାଗାକୁ ଉକ୍ତ ଖଳ ପ୍ରକୃତିର ଲୋକମାନେ ଖୋଳିଦେବା କାରଣରୁ ସ୍ଥିତିବାନ ଜମି ପର୍ଯ୍ୟନ୍ତ ପହଁଚି ପାରୁନଥିବା ସେ ଅଭିଯୋଗ କରିଛନ୍ତି। ଗ୍ରାମର କିଛି ମୁଷ୍ଟିମେୟ ଲୋକ ଙ୍କ ପ୍ରଭାବରେ ତାଙ୍କୁ ହଇରାଣ କରାଯାଉଛି ବୋଲି ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହା ଦ୍ୱାରା ସେ ମାନସିକ ନିର୍ଯାତନା ପାଉଥିବା ଉଲ୍ଲେଖ କରିଛନ୍ତି। ତାଙ୍କ ସ୍ୱାମୀ ବାହାରେ ଚାକିରୀ କରୁଥିବା ବେଳେ ଦୁଇ ପିଲା ବାହାରେ ପାଠ ପଢୁଛନ୍ତି। ଘରେ ଶଯ୍ୟାଶାୟୀ ଶାଶୂଙ୍କ ସହ ଏକୁଟିଆ ରହୁଥିବା ବେଳେ କିଛି ବ୍ୟକ୍ତି ଜାଣି ଶୁଣି ହଇରାଣ କରିବା ଉଦ୍ଦେଶ୍ୟ ରେ ଏହିଭଳି କାର୍ଯ୍ୟ କରୁଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତେଣୁ ତାଙ୍କ ଫସଲ ଜମି କୁ ଯିବା ଲାଗି ଆଗରେ ଥିବା ସରକାରୀ ଜମିରୁ ରାସ୍ତା ଦେବା ସହ ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ପୁଷ୍ପଲତା ନିବେଦନ କରିଛନ୍ତି।

## ମାଣିବନ୍ଧ-କୋଲୁହାପାଟଣା ଗ୍ରାମ୍ୟ ବିଭାଗ ରାସ୍ତା ମରାମତି ହେବ କେବେ

ବେଗୁନିଆ, ୧୬।୪ (ସମିସ): ବୋଲଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ମାଣିବନ୍ଧ - କୋଲୁହା ପାଟଣା ରାସ୍ତାରେ ପିଚୁ ଉଠିଯାଇ ଖାଲ ଢିପ ହୋଇ ମରଣଯନ୍ତା ସଦୃଶ ହୋଇଛି। ଯାହା କି ଦିବା ଓ ରାତ୍ରରେ ଯାତାୟାତ କରୁଥିବା ଜନ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ବଦପଦର ଗ୍ରାମର ସୁରେନ୍ଦ୍ର ନାଥ



ସେଠୀ କହିଛନ୍ତି। ଏପରିକି ଅସରାଏ ବର୍ଷା ହେଲେ ଖାଲରେ ପାଣି ଜମି ସମତୁଲ ହୋଇ ଥିବାରୁ ଅନେକ ସମୟରେ ଅଦିନିଆ ଯାତାୟାତ କରୁଥିବା ପଥଚାରି ଦୁର୍ଘଟଣାର ସମ୍ମୁଖିନ ହୋଇଥାନ୍ତି। ଏହି ରାସ୍ତାଟି ୨କିମି ୪୫୦ ମିଟର ହୋଇଥିବା ବେଳେ ଗତ ୨୦୨୦ ମସିହା ଜାନୁଆରୀ ମାସରେ ମୋଟ ୧୦୬, ୮୩ ଲକ୍ଷ୍ୟରେ କାର୍ଯ୍ୟ ଆରମ୍ଭ ହୋଥିଲା। ଏହାର ମରାମତି ଅଭାବରୁ ଯାତାୟାତ କରୁଥିବା ଜନ ସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅସନ୍ତୋଷ ବ୍ୟାପିବାରେ ଲାଗି ରହିଛି। ତୁରନ୍ତ ଯୁଦ୍ଧକାଳୀନ ଭିତିରେ ମରାମତି ଆବଶ୍ୟକତା ରହିଥିବାରୁ ବୋଲଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ଟେଣ୍ଡର ସରି ଯାଇଛି କିନ୍ତୁ ଠିକାଦାର କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ ଘଟୁଛି ବୋଲି କହିଛନ୍ତି।

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ପ୍ରସ୍ତୁତି ବୈଠକ

ନିରାକାରପୁର, ୧୬।୪ (ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଜ୍ଞାପୁରୁଷ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଆସନ୍ତା ୨୧ ତାରିଖରେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ରାମେଶ୍ୱରସ୍ଥିତ ପ୍ରଭାବତୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି।



ଜାନକୀ ବଲ୍ଲଭ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶ୍ରାଦ୍ଧ ବାର୍ଷିକୀକୁ କିଭଳି ଶୃଙ୍ଖଳିତ ଓ ବ୍ୟାପକ ଭାବେ ପାଳନ କରାଯିବ ସେ ନେଇ ରୂପରେଖ ପ୍ରସ୍ତୁତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡ. ସଞ୍ଜୟ କୁମାର ପଟ୍ଟନାୟକ, ସମ୍ପାଦକ, ଜାନକୀ ବଲ୍ଲଭ ରାଜ୍ୟ ଜନ୍ମ ଶତବାର୍ଷିକୀ କମିଟି, ଇଞ୍ଜିନିୟର ବିଶ୍ୱମୋହନ ପଟ୍ଟନାୟକ, ସମ୍ପାଦକ, ଜାନକୀ ବଲ୍ଲଭ ସ୍ମୃତି କମିଟି, ବିପିନ କୁମାର ଜୟସିଂହ, ବରିଷ୍ଠ ନେତା, ବିଶ୍ୱଭୂଷଣ ଛୋଟରାୟ, ଯୁବନେତା, ରମାକାନ୍ତ ମହାପାତ୍ର, ଶିକ୍ଷକ ନେତା, କଂଗ୍ରେସ ନେତା ଅମିତ ମହାନ୍ତିଙ୍କ ସମେତ ରଞ୍ଜିତ ଜଗଦେବ, ଦୋଳଗୋବିନ୍ଦ ପ୍ରଧାନ, ପ୍ରିୟରଞ୍ଜନ ଦାଶ, ପ୍ରମୋଦ ପ୍ରଧାନ, ପ୍ରକାଶ କୁମାର ସାମନ୍ତରାୟ, ଦିଲ୍ଲୀପ କୁମାର ସେଠୀ, ବିଭୂତି ଭୂଷଣ ମହାପାତ୍ର, ସଞ୍ଜୟ ସ୍ୱାଇଁ, କୃଷ୍ଣଚନ୍ଦ୍ର ପଲେଇ, ଜିତେନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, ସୁକାନ୍ତ କୁମାର ରାଉତରାୟ, ମୃତ୍ୟୁଞ୍ଜୟ ପ୍ରଧାନ, ଗିରିଜା ମୋହନ ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ବଉଳାବନ୍ଧରେ ରାମନାଟକ ଉଦ୍‌ଯାପିତ



ଚିଲିକା, ୧୬।୪(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧସ୍ଥ ବିଜେ ଶ୍ରୀ ଶ୍ରୀରଘୁନାଥ ଦେବଙ୍କ ପୀଠରେ ଅନୁଷ୍ଠିତ ଶ୍ରୀରାମ ନାଟକ(ରାମଲୀଳା) ର ଉଦ୍‌ଯାପନୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହା ଆଜକୁ ୮୭ ବର୍ଷ ଧରି ମଞ୍ଚସ୍ଥ ହେଉଅଛି। ଚୈତ୍ର ମାସ ଶୁକ୍ଳପକ୍ଷ ଶ୍ରୀରାମ ନବମୀ ଠାରୁ ୨୧ ଦିନ ବ୍ୟାପୀ ରାତ୍ର ସମୟରେ ଶ୍ରୀରାମନାଟକ ମଞ୍ଚସ୍ଥ ହୋଇଥିଲା। କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କର ହୃଦୟକୁ ଜିଣିଥିଲେ। ଶ୍ରୀରାମ ନବମୀ ଦିନ ମାନସୀକ ଧାରୀ ଭକ୍ତମାନେ ମାନସୀକ କରି ଠାକୁରଙ୍କ ପାଖେ କୁମ୍ଭ ବସାଇ ଥିଲେ।ଉଦ୍ ଯାପନୀ ଉତ୍ସବରେ ମାନସୀକ ଧାରି ମାନେ ନିଜେ ଯେ ଯାହାର କୁମ୍ଭକୁ ମସ୍ତକରେ ଧରି ଗ୍ରାମ୍ୟ ପରିକ୍ରମା କରିବା ପରେ ପୁଷ୍କରଣୀରେ ବିସର୍ଜନ କରିଥିଲେ। ଚଳିତ ବର୍ଷ ସମୁଦାୟ୧୫୨୩ଟି କୁମ୍ଭ ବସା ଯାଇଥିଲା। ପୁରୀ, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରୁ ଭକ୍ତମାନେ ଆସି କୁମ୍ଭ ବିସର୍ଜନରେ ଯୋଗ ଦେବା ସହ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କୁ ଦର୍ଶନ କରି ତାଙ୍କର କୃପା ଭିକ୍ଷା କରି ଥିଲେ। ଶ୍ରୀରାମ ନବମୀ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇ ଥିବାରୁ ଯାତ୍ରା କମିଟିର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସିବିଏସ୍‌ଇ ପରୀକ୍ଷାରେ ଏଜିମିଶନ ବିଦ୍ୟାଳୟର ସଫଳତା

ଟାଙ୍ଗୀ, ୧୬।୪ (ସମିସ): ପ୍ରକାଶିତ ସିବିଏସସି ପରୀକ୍ଷାରେରେ ଚାନ୍ଦପୁର ଏ.ଜି. ମିଶନ୍ ବିଦ୍ୟାଳୟ, ର ଦଶମ ଶ୍ରେଣୀର ଛାତ୍ରୀ ଶ୍ରେୟା ସୃଜନୀ ବେହେରା ଶତକଡା ୯୫.୨ ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରି ସଫଳତା ଅର୍ଜନ କରିଛନ୍ତି। ଏହା ମଧ୍ୟ ଓଡ଼ିଶାର ଗର୍ବ ସେ ଅତିରିକ୍ତ ବିଷୟ ଭାବରେ ଓଡ଼ିଆ ଭାଷାକୁ ଚୟନ କରିଥିବା ବେଳେ ଶତକଡ଼ା ୧୦୦ ରୁ ୧୦୦ ଭାଗ ନମ୍ବର ରଖି ଓଡ଼ିଆ ଭାଷାର ଗୌରବ ରକ୍ଷା କରିପାରିଛନ୍ତି। ସେହିପରି ବିଦ୍ୟାଳୟର ଦ୍ୱିତୀୟ ସ୍ଥାନରେ ସତ୍ୟଜିତ୍ ସାହୁ ଶତକଡା ୯୨, ତୃତୀୟ ସ୍ଥାନରେ ସତ୍ୟଜିତ୍ ସାମନ୍ତରାୟ ଶତକଡା ୯୧.୬ ଏବଂ ଚତୁର୍ଥ ସ୍ଥାନରେ ଓମ୍ ପ୍ରକାଶ ପରିଡ଼ା ଶତକଡା ୯୦.୬ ନମ୍ବର ରଖି ସଫଳତା ଅର୍ଜନ କରିଛନ୍ତି। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଶିକ୍ଷାଦାନ କରି ନିଜର ସମସ୍ତ ଶ୍ରେୟ ପ୍ରଦାନ କରିଥିବା ଏହି ବିଭାଗର ଓଡ଼ିଆ ବିଭାଗର ଶିକ୍ଷୟିତ୍ରୀ ବି. ସଂଘମିତ୍ରା ସାହୁ ପ୍ରଶଂସା ର ପାତ୍ର ହୋଇପାରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍. ମାର୍ଟିନ୍, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଉତ୍ତିର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।

# ବେଆଇନ ଖଣି ଉପରେ ପ୍ରଶାସନର ଚଢ଼ଉ



ଜଟଣୀ, ୧୬।୪(ସମିସ)

ଏନଜିଟି ଛାଟ ପଡ଼ିବା ପରେ ପ୍ରଶାସନର ଚେତା ପଶିଛି। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଏକ ଟିମ ବେଆଇନ ଖଣି ଅଞ୍ଚଳରେ ପହଞ୍ଚି ଯାଞ୍ଚ ଚଳାଇଛି। ପ୍ରାପ୍ତ ସୂଚନା ମୁତାବକ, ଜଟଣୀ ତହସିଲ ଛତାବର ରାଜସ୍ୱ ନିରୀକ୍ଷକ ଅଧୀନ ମଧୁପୁର ଏବଂ ଖୋର୍ଦ୍ଧା ତହସିଲ ଅଧୀନ ଟାଙ୍ଗିଆପଡ଼ା, ନିଆଳ, ଅରାଙ୍ଗ ଅଞ୍ଚଳରେ ଶହ ଶହ ଏକର ସରକାରୀ ଗୋଚର ଜମି ଓ ଜଙ୍ଗଲ ଜମିରୁ ମୋରମ ଲୁଟ ହେଉଛି। ଯାହାକୁ ନେଇ ପ୍ରତାପ ମହାନ୍ତି ନାମକ ଜଣେ ବ୍ୟକ୍ତି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରି କୌଣସି ସୁଫଳ ନ ମିଳିବାରୁ ଜାତୀୟ ଗ୍ରୀନ ଟ୍ରିବୁନାଲ (ଏନଜିଟି) ରେ ମାମଲା ଦାଏର କରିଥିଲେ। ଗତ ମାର୍ଚ୍ଚ ୧୭ ତାରିଖରେ ଏନଜିଟି ଏହି ମାମଲାରେ ଶୁଣାଣୀ କରି ଜଙ୍ଗଲ ବିଭାଗ, ଖଣି ବିଭାଗ, ଜଟଣୀ ତହସିଲଦାର, ଖୋର୍ଦ୍ଧା ତହସିଲଦାର ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଯୁଗ୍ମ କମିଟି ଗଠନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଏହି କମିଟି ଜଟଣୀ ତହସିଲଦାରଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମଧୁପୁର ମୌଜାରେ ସରକାରୀ ଜମିରୁ ବେଆଇନ ଭାବେ ମୋରମ ଖୋଳା ହୋଇଥିବାର ଦେଖିଥିଲେ। ସେହିପରି ଖୋର୍ଦ୍ଧା ତହସିଲ ଅଧୀନରେ ଥିବା ବେଆଇନ ମୋରମ ଖଣି ଅଞ୍ଚଳକୁ ତହସିଲଦାର ନ ଆସି ରିଭେନ୍ୟୁ ସୁପରଭାଇଜରଙ୍କୁ ପଠାଇଥିଲେ। ଯାଞ୍ଚ ଶେଷ ହେବା ବେଳକୁ ଘଟଣା ସ୍ଥଳରେ ଖୋର୍ଦ୍ଧା ତହସିଲଦାର ପହଞ୍ଚିଥିଲେ। ତଦନ୍ତକାରୀ ଟିମରେ ପ୍ରଦୂଷଣ ବିଭାଗ ରିଜିଓନାଲ ଅଫିସର ସୋହନ ଗିରି, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଅଧିକାରୀ ଟି ଏଚ ମୋହତା, ଖୋର୍ଦ୍ଧା ଖଣି ଅଧିକାରିଣୀ ସୁକେସ୍ମିତା ମାଝୀ, ଜଟଣୀ ତହସିଲଦାର, ଚନ୍ଦକା ବନ୍ୟପ୍ରାଣୀ କାର୍ଯ୍ୟାଳୟର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଟିମ ଏକ ବିସ୍ତୃତ ରିପୋର୍ଟ କରି ଏନଜିଟିଙ୍କ ନିକଟରେ ଦାଖଲ କରିବେ ବୋଲି ସୂଚନା ରହିଛି। ଏହି ମାମଲାରେ କେବଳ ମାତ୍ର ଦୁଇ ଚାରିଟି ମୌଜାରେ ସରକାରୀ ଜମିରୁ ମୋରମ ଲୁଟ ହେଉଥିବା ଅଭିଯୋଗ ହୋଇଛି। କିନ୍ତୁ ବାସ୍ତବରେ ଜଟଣୀ ତହସିଲ ଓ ଖୋର୍ଦ୍ଧା ତହସିଲର ପ୍ରାୟ ସବୁ ମୌଜାରେ ବେଆଇନ ଭାବେ ମୋରମ ଓ ମାଙ୍କଡା ପଥର ଖଣି ଚାଲୁଛି। ଯାହାକୁ ନେଇ ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ପରିବେଶ ତଥା ଏହି ମାମଲାର ପରିଚାଳନା କରୁଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପ୍ରତିକ୍ରିୟା ଦେଇଛନ୍ତି।

# ନାରୀ ଶକ୍ତି ବନ୍ଦନ ଅଧିନିୟମ ପଦଯାତ୍ରା




ବାଲୁଗାଁ, ୧୬।୪(ସମିସ) : ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଲିକା ନିର୍ବାଚନ ମଣ୍ଡଳୀରେ ନାରୀ ଶକ୍ତିଙ୍କ ସଂକଳ୍ପ ପଦଯାତ୍ରା ବାଲୁଗାଁରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶୋଭାଯାତ୍ରାରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ଅନ୍ୟତମ ଅତିଥି ଭାବେ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ବାଲୁଗାଁ ଏନଏସି ଅଧକ୍ଷା ସୁକାନ୍ତି ପାଇକରାୟ, ବାଣପୁର ବିଡିଓ ବିକାଶ କୁମାର ମହାନ୍ତି, ଚିଲିକା ବିଡ଼ିଓ ପୁନମ ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବାଲୁଗାଁ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣ ନାଥ ସେଠ, ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ମହିଳା ମାନଙ୍କୁ ଆଗକୁ ବଢ଼ିବାରେ ନୂତନ ଦିଗ୍ ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶୋଭାଯାତ୍ରାରେ ଅଞ୍ଚଳର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ, ସିଡିପିଓ ଚିଲିକା ଓ ବାଣପୁର ବ୍ଲକ, ବାଲୁଗାଁ ଓ ବାଣପୁର ଏନଏସି ଅଞ୍ଚଳର ବହୁ ସଂଖ୍ୟକ ମହିଳା ସାମିଲ ହୋଇ ହାତରେ ବିଭିନ୍ନ ମହିଳା ଶସକ୍ତି କରଣ ବାର୍ତ୍ତାର ପ୍ଲାଗ କାର୍ଡ ଧରି ସ୍ଲୋଗାନ ମାନ ଦେଇ ଚିଲିକା କୂଳ ସ୍ଥିତ ବାଲୁଗାଁ ମହାବିଦ୍ୟାଳୟରୁ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଲିକା ବ୍ଲକ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଶତପଥୀ, ଡି ପି ସି, ମିଶନ ଶକ୍ତି, ବାଲୁଗାଁ ଉପଖଣ୍ଡ ପୋଲିସ ଅଧିକାରୀ, ବାଲୁଗାଁ ଥାନା ଅଧିକାରୀ, ବାଲୁଗାଁ ଏନଏସିର ସମସ୍ତ କାଉଁସିଲର ଓ ସମସ୍ତ ମହିଳା କର୍ମଚାରୀ, ବାଲୁଗାଁ ମହାବିଦ୍ୟାଳୟର ଅଧାପିକା ସାମିଲ ଥିଲେ।

## କଣ୍ଟିଲୋ, ଖଣ୍ଡପଡ଼ାକୁ ରେଳ ସଂଯୋଗ ଦାବି

**ନୟାଗଡ଼,୧୬ ।୪(ସମିସ):** ବହୁ ପ୍ରତୀକ୍ଷିତ ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳ ଲାଇନକୁ କ୍ରିୟାଶୀଳ କରିବା ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କଣ୍ଟିଲୋ ନୀଳମାଧବ ମନ୍ଦିର ପରିଦର୍ଶନ ସମୟରେ ପର୍ଯ୍ୟଟନ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିପୀଠ କଣ୍ଟିଲୋ ଏବଂ ଖଣ୍ଡପଡ଼ାକୁ ଖୁବଶୀଘ୍ର ରେଳ ଗଡ଼ିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ତାଳଚେରରୁ ଅନୁଗୋଳ, ଆଠଗଡ଼, ବଡ଼ମ୍ବା, ନରସିଂହପୁର ଦେଇ କଣ୍ଟିଲୋ, ଖଣ୍ଡପଡ଼ାକୁ ନୟାଗଡ଼ ଟାଉନ ରେଳ ଷ୍ଟେସନ ସହିତ ଯୋଡ଼ିବା ସହ ପ୍ରସ୍ତାବିତ ଏହି ୧୨୦ କିମି ରେଳପଥକୁ ଖୋର୍ଦ୍ଧା ରୋଡ୍ ଷ୍ଟେସନରୁ କାଇପଦର ପର୍ଯ୍ୟନ୍ତ ଏକ କର୍ଡ ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏଥିପାଇଁ ଆବଶ୍ୟକ ଫାଇନାଲ ଲୋକେସନ ସର୍ଭେ ଏବଂ ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇସାରିଛି। ତେବେ ଚଳିତବର୍ଷ ଏହି କାର୍ଯ୍ୟ ପାଇଁ ରେଳ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇ ନ ଥିବାରୁ ରେଳଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଏ ସଂକ୍ରାନ୍ତରେ ଶୀଘ୍ର ଅର୍ଥ ମଞ୍ଜୁର କରିବା ପାଇଁ ରେଳମନ୍ତ୍ରୀଙ୍କୁ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକ, ବିନାୟକ ମିଶ୍ର, ଶାନ୍ତିଶେଖର ରଥ ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲ୍ଲା ପ୍ଲାନିଂ କମିଟି ଅଧ୍ୟକ୍ଷ ତଥା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଜରିଆରେ ଗୁରୁବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୁରୁବାର ବିଧାୟକ ସ୍ୱାଇଁ ନୂଆଦିଲ୍ଲୀ ଗସ୍ତ ଅବସରରେ ରେଳମନ୍ତ୍ରୀଙ୍କ ସହ ଏ ବାବଦରେ ଆଲୋଚନା କରିବା ପାଇଁ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ବାଇକରେ ଆସି ଦମ୍ପତିଙ୍କୁ ଲୁଟିଲେ

**ନୟାଗଡ଼,୧୬ ।୪(ସମିସ):** ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ନୟାଗଡ଼ ଟାଉନ୍ ଥାନା ଅନ୍ତର୍ଗତ ମାଙ୍କପଲ୍ଲି ନିକଟରେ ବାଇକରେ ଆସୁଥିବା ଦମ୍ପତିଙ୍କଠାରୁ ଲୁଟ୍ ହୋଇଛି। ଲୁଟେରାଙ୍କ ଆକ୍ରମଣରେ ଦମ୍ପତି ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଚଣ୍ଡିବସ୍ତ ଗାଁର ପ୍ରହଲ୍ଲାଦ ବିଶ୍ୱାଳ ଗୁରୁବାର ଅପରାହ୍ନରେ ଟଙ୍କା ଜମି କରିବା ପାଇଁ ବ୍ୟାଙ୍କକୁ ଆସୁଥିବା ବେଳେ ମାଙ୍କପଲ୍ଲି ନିକଟ ବାଇପାସ୍‌ରେ ଦୁଇ ଦୁର୍ବୃତ୍ତ ଏକ ପଲସର୍ ବାଇକରେ ଆସି ତାଙ୍କ ବାଇକକୁ ଗୋଇଠା ମାରିଥିଲେ। ଭାରସାମ୍ୟ ହରାଇ ପ୍ରହଲ୍ଲାଦ ଏବଂ ତାଙ୍କ ସ୍ତ୍ରୀ ଗାଡ଼ି ସହ ପଡ଼ିଯିବାରୁ ଦୁର୍ବୃତ୍ତମାନେ ସ୍ତ୍ରୀ ଧରିଥିବା ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ଦ୍ରୁତଗତିରେ ପଳାଇଥିଲେ। ଉଭୟ ଦୁର୍ବୃତ୍ତ ମୁହଁରେ କନା ବାନ୍ଧିଥିବା ପ୍ରହଲ୍ଲାଦ କହିଛନ୍ତି। ଭ୍ୟାନିଟି ବ୍ୟାଗରେ ୮ ହଜାର ଟଙ୍କା, ଦୁଇଟି ସୁନାମୁଦି ଏବଂ କିଛି ରୁପା ଗହଣା ରହିଥିଲା। ଗାଡ଼ିରୁ ପଡ଼ିଯିବାରୁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ଦେହସାରା ଖଣ୍ଡଆଖାବରା ହେବା ସହ ହାତଗୋଡ଼ରେ ଗଭୀର ଆଘାତ ଲାଗିଛି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଖଣ୍ଡପଡ଼ା,୧୬ ।୪(ସମିସ):** ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଆର୍ତ୍ତବନ୍ଧୁ ଗୋଛାଇଙ୍କର ଗୁରୁବାର ପରଲୋକ ହୋଇଛି। ଦୀର୍ଘ ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବେଣାଗାଡ଼ିଆ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଭାବେ ସେ ୨ ଥର ନିର୍ବାଚିତ ହୋଇ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଶହଶହ ଜନସାଧାରଣ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଶବ ଶୋଭାଯାତ୍ରାରେ ଶହଶହ ଜନସାଧାରଣ ସାମିଲ ହୋଇଥିଲେ। ଏକମାତ୍ର ପୁଅ ସୁଶାନ୍ତ କୁମାର ଗୋଛାଇ ମୁଖାଗ୍ନି ଦେଇଥିଲେ।

## ଲକ୍ଷପତି ଦିଦିଙ୍କ ଶୋଭାଯାତ୍ରା

**ନୟାଗଡ଼,୧୬ ।୪(ସମିସ):** ଜିଲ୍ଲା ସଦରମହକୁମାରେ ମହିଳା ସଶକ୍ତୀକରଣ, ଅଧିକାର ଓ ସଂରକ୍ଷଣ ବିଷୟରେ ବିଶାଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥ ଏହାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସାମିଲ ହୋଇଥିଲେ। ଏହି ସଚେତନତା ଅଭିଯାନ ମାଧ୍ୟମରେ ମହିଳାମାନଙ୍କୁ ସମ୍ବିଧାନ ପ୍ରଦତ୍ତ ଅଧିକାର, ସଂରକ୍ଷଣ ସୁଯୋଗ, ଆର୍ଥିକ ସ୍ୱାବଲମ୍ବନ, ଉଦ୍ୟମିତା ଓ ସମାଜରେ ସକ୍ରିୟ ଭୂମିକା ନେବାକୁ ପ୍ରେରିତ କରାଯାଉଛି। ମିଶନ ଶକ୍ତି ବିଭାଗ ସୁଭଦ୍ରା ଶକ୍ତି ମାଧ୍ୟମରେ ମହିଳାଙ୍କୁ ସ୍ୱାଭିମାନ, ଯଶସମାନତା ଓ ସ୍ୱାବଲମ୍ବନ ପାଇଁ ଆବଶ୍ୟକ ଜ୍ଞାନକୌଶଳ ଓ ସୁଯୋଗ ପ୍ରଦାନ କରି ସମାଜର ସମଗ୍ର ଉନ୍ନତିକୁ ଗତିଶୀଳ କରୁଛି।

# ଏସିଆ ମହାଦେଶର ଦ୍ୱିତୀୟ ବଡ଼ ଉଷ୍ମପ୍ରସ୍ରବଣ ଅବହେଳିତ

**ଭାପୁର,୧୬ ।୪(ସମିସ):**

ନୟାଗଡ଼ ଜିଲ୍ଲାରେ ରହିଛି ଦେଶର ବୃହତ୍ତମ ତଥା ଏସିଆ ମହାଦେଶର ଦ୍ୱିତୀୟ ବଡ଼ ଉଷ୍ମପ୍ରସ୍ରବଣ। ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ତରବାଲୋ ନିକଟ ନୀଳକଣ୍ଠପ୍ରସାଦ ମୌଜାରେ ଅବସ୍ଥିତ ଏହି ଉଷ୍ମପ୍ରସ୍ରବଣକୁ ନୀଳକନ୍ଦର ଉଷ୍ମପ୍ରସ୍ରବଣ ବୋଲି ନୂତନ ନାମକରଣ କରାଯାଇଛି। ୧୦ ଏକର ଜମିରେ

### ପାଞ୍ଚଟି କୁଣ୍ଡରେ ସୀମିତ ଉନ୍ନତି

ବୃହତ ଅଞ୍ଚଳକୁ ନେଇ ଏହା ବ୍ୟାପ୍ତ। ସେଠାରେ ଯେଉଁ ସ୍ଥାନରେ ପାଦ ପକାଇଲେ ମାଟି ଦୋହଲିଯାଏ। ଯେଉଁ ସ୍ଥାନରେ ହାତ ଲଗାଇଲେ ପାଣି ଟକମକ ଗରମ ହୋଇ ଫୁଟୁଛି। ଅଞ୍ଚଳରେ ପାଦ ପକାଇଲେ ପାଦ ତଳକୁ ତଳ ଦବିଯାଏ। ଏହାର ଉନ୍ନତି ପାଇଁ ତତ୍କାଳୀନ ସାଂସଦ ଶିବାଜୀ ପଟ୍ଟନାୟକ (୧୯୮୯-୯୬) ଲୋକସଭାରେ ୧୯୯୨ରେ ଲୋକସଭାରେ ଦାବି ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ କୌଣସି



ସାଂସଦ ଏହାର ଉନ୍ନତି ପାଇଁ ରାଷ୍ଟ୍ରୀୟ ସ୍ତରରେ ସେପରି ସ୍ୱର ଉତ୍ତୋଳନ କରିନାହାନ୍ତି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଏହାର ଉନ୍ନତି ପାଇଁ ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ହେଲେ ଦୁଇ ଗ୍ରାମ ବିବାଦ ଯୋଗୁଁ ଏହା ଉଷ୍ମପ୍ରସ୍ରବଣ ପରିସରରେ ନ ହୋଇ କିଛି ଦୂରରେ ନିର୍ମାଣ ହୋଇଥିଲା। ବର୍ତ୍ତମାନର ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ୨ କୋଟି ଟଙ୍କା ମଞ୍ଜୁର କରିଥିବା କହୁଛନ୍ତି। ହେଲେ କ'ଣ ଉନ୍ନତି କାର୍ଯ୍ୟ ହେବ ତାହା ସମୟ କହିବ। ବର୍ତ୍ତମାନ ସରକାର ଯଦି ସୁଦୃଷ୍ଟି ଦିଅନ୍ତେ ତେବେ ଏହାର ଭାଗ୍ୟ ବଦଳିଯାଆନ୍ତା। ଗ୍ରାମବାସୀ ଏଥିପାଇଁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ଏହାର ସୀମା ସରହଦ ଓ ନାମକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ନାମକରଣ ନୀଳକନ୍ଦର ଉଷ୍ମପ୍ରସ୍ରବଣ କରିଛନ୍ତି। ଦୁଇ ଗ୍ରାମ ବିବାଦ ପାଇଁ ଏଠାରେ କୌଣସି ଉନ୍ନତି ହୋଇପାରୁନାହିଁ ବୋଲି ବୁଦ୍ଧିଜୀବି ମତପ୍ରକାଶ କରିଛନ୍ତି।

ଏଠାରେ ଉନ୍ନତି ପାଞ୍ଚଟି ବଡ଼ କୂଅରେ ସୀମିତ। ମୋଟ ପାଞ୍ଚଟି କୂଅର ପାଣି ସର୍ବଦା ଫୁଟୁଥାଏ। ଏହି କୂଅର ଫୁଟୁଥିବା ପାଣିରେ ଗନ୍ଧକ ଭଳି ନାନା ପ୍ରକାର ଖଣିଜ ପଦାର୍ଥ ମିଶିଥିବା ବେଳେ ଅନେକ ଔଷଧୀୟ ଗୁଣ ରହିଛି। କାରଣ ଏହି ପାଣିରେ ସ୍ନାନ କରିବା ଦ୍ୱାରା ବିଭିନ୍ନ ଚର୍ମରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। କିମ୍ବଦନ୍ତୀ ଅନୁଯାୟୀ ଏହି ବାଟଦେଇ ୮ଟି ଶଗଡ଼ ଗାଡ଼ି ମାଲ୍ ନେଇ ଯାଉଥିବା ବେଳେ ଶଗଡ଼ର ପହିଗୁଡ଼ିକ ମାଟିରେ ପଶି ଆଉ ବାହାରିପାରି ନ ଥିଲା। ସେହିଦିନଠାରୁ ଏହାର ନାମ ମା' କିଆଶୁଣୀ ଦହଲ ରଖାଯାଇଥିଲା। ମା' କେତକୀଶୁଣି ଏଠାରେ ପୂଜା ପାଉଛନ୍ତି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅନାବନା ଘାସ ଓ କିଆବଣ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି। ଏସିଆର ଦ୍ୱିତୀୟ ଉଷ୍ମପ୍ରସ୍ରବଣ, ହେଲେ ସରକାରଙ୍କ ଏହାପ୍ରତି ଆନ୍ତରିକତା ନାହିଁ। ସରକାର ଯଦି ଏହାର ଉନ୍ନତୀକରଣ ପାଇଁ ପଦକ୍ଷେପ ନେଇ କାର୍ଯ୍ୟ କରନ୍ତେ ତେବେ ଓଡ଼ିଶାର ବୃହତ୍ତମ ଉଷ୍ମପ୍ରସ୍ରବଣ ନୀଳକଣ୍ଠ ପ୍ରସାଦ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇପାରନ୍ତା ଓ ଅଞ୍ଚଳର ବିକାଶ ମଧ୍ୟ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ଏହି ଉଷ୍ମପ୍ରସ୍ରବଣର ଐତିହ୍ୟ ବିଷୟରେ ଜନସାଧାରଣ ଅନେକ କିଛି ଜାଣିପାରନ୍ତେ। ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ନ ଥିବାରୁ ଏହାର ଉନ୍ନତୀକରଣ ହୋଇପାରୁନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ସରପୋଖରୀ, କୁଞ୍ଜବେଲି, ରାକେସିଆ ରାସ୍ତା ନିର୍ମାଣରେ ବିଳମ୍ବ

**● ଗ୍ରାମ୍ୟ ଉନ୍ନୟନ ବିଭାଗର ଅପାରଗତା; ଲୋକେ ହନ୍ତସନ୍ତ**

**ଖଣ୍ଡପଡ଼ା,୧୬ ।୪(ସମିସ):** ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ କୁଆଁରିଆ ସେତୁ ନିକଟ ରାମଚଣ୍ଡୀପ୍ରସାଦ ଗ୍ରାମଠାରୁ ସରପୋଖରୀ, ରାକେସିଆ, କୁଞ୍ଜବେଲି, ମଙ୍ଗରାଜପୁର ଗ୍ରାମ ଦେଇ କୋଦୁଆଁପଲ୍ଲୀ



ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଗତ ୮ ମାସ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ପିଚୁ ହେବା ଉଦ୍ଦେଶ୍ୟରେ ରାସ୍ତା ସାରା ମେଣ୍ଟାଲ ବିଛାଇବା କାର୍ଯ୍ୟ ଶେଷ ହେବା ସହ ଡଷ୍ଟ ପକାଯାଇଛି। ମାତ୍ର ୮ ମାସ ପରେ ମଧ ରାସ୍ତା ପିଚୁ ନ ହେବାରୁ ରାସ୍ତାରେ ପଡ଼ିଥିବା ମେଣ୍ଟାଲଗୁଡ଼ିକ ଯାନବାହନ ଚଳାଚଳ ବେଳେ ଉଠିଯାଇ ଏବେ ଖାଲଖମାରେ ଭର୍ତ୍ତି ହୋଇଛି। ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗଡ଼ିଆସାହି ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ଆଚାର୍ଯ୍ୟ, ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ମୁରଲୀ ସ୍ୱାଇଁ, ବାଙ୍କନିଧି ସ୍ୱାଇଁ, ଜିତେନ୍ଦ୍ର ବେହେରା, ଜଗବନ୍ଧୁ ସ୍ୱାଇଁ, ଛବି ସ୍ୱାଇଁ ପ୍ରମୁଖ ଗୁରୁବାର ଜିଲ୍ଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ରାସ୍ତା ଉପରେ ପିଚୁ ପଡ଼ିବାରେ ବିଳମ୍ବ ଯୋଗୁଁ ଯାତାୟାତ ବେଳେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନୀ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଦୀର୍ଘ ବର୍ଷ ପରେ ଆରମ୍ଭ ହୋଇଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାର ସୁଯୋଗ ନେଇ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ଓ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀ ଏଥପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପ୍ରସ୍ତୁତି



**ନୟାଗଡ଼,୧୬ ।୪(ସମିସ):** ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ନୟାଗଡ଼ ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ, ତହସିଲଦାର ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାର ସଫଳ ଆୟୋଜନ ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସେବାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ୨୨ କନ୍ୟାଙ୍କ ବିବାହ କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତ୍ୟେକ କନ୍ୟାକୁ କନ୍ୟାଧନ ସ୍ୱରୂପ ୩୫୦୦୦ ଟଙ୍କା ଅର୍ଥରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ଉକ୍ତ ଦିନ ସକାଳ ୬ଟାରୁ ଶୁଭ ଲଗ୍ନରେ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ସ୍ଥିର କରାଯାଇଛି। ଏଥିରେ କନ୍ୟା ଓ ବର ପକ୍ଷରୁ ୨୦ ଜଣ ସମ୍ପର୍କୀୟ ସାମିଲ ହୋଇପାରିବେ। ବୈଠକରେ ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରସନ୍ନ ବେହେରା, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜନସ୍ୱାସ୍ଥ୍ୟ ବିଭାଗ ଜେଇଙ୍କ ସମେତ ବିଭିନ୍ନ ବ୍ଲକର ସିଡିପିଓ, ସେବା ଅନୁଷ୍ଠାନର ସମ୍ପାଦକ ଅମରେନ୍ଦ୍ର କୁମାର ଦାସ ପରିଜା, ଉପସଭାପତି ସଞ୍ଜୟ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ରଘୁନାଥ ଆଥଲେଟିକ ଆସୋସିଏସନ ଚାମ୍ପିଅନ



**ଓଡ଼ଗାଁ,୧୬ ।୪(ସମିସ):** ଓଡ଼ଗାଁ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ ଆସୋସିଏସନ (ଆରଏଏ) ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ୨୦ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଛି। ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏସନ ଓ ରଙ୍ଗଣୀପାଟଣା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ରୋମାଞ୍ଚକର ଏହି ମ୍ୟାଚରେ ରଘୁନାଥ ଆଥଲେଟିକ ଆସୋସିଏସନ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଟସ୍ ଜିତି ରଙ୍ଗଣୀପାଟଣା ଦଳ ପ୍ରଥମେ ବ୍ୟାଟିଂ କରି ୧୧ ଓଭରରେ ସମସ୍ତ ୱିକେଟ ହରାଇ ୫୦ ରନ୍ ସଂଗ୍ରହ କରିପାରିଥିଲା। ଜବାବରେ ରଘୁନାଥ ଆଥଲେଟିକ ଆସୋସିଏସନ ଦଳ ୬ ଓଭରରେ ୫ ୱିକେଟ ହରାଇ ଆବଶ୍ୟକ ରନ୍ କରି ସହଜ ବିଜୟ ହାସଲ କରିଥିଲା। ରଙ୍ଗଣୀପାଟଣା ଦଳର ଗୁଡୁଙ୍କୁ "ବୋଲର ଅଫ୍ ଦି ସିରିଜ' ପୁରସ୍କାର ଦିଆଯାଇଥିବା ବେଳେ ଚାମ୍ପିଅନ ଦଳର ଶୁଭ "ମ୍ୟାନ୍ ଅଫ୍ ଦି ସିରିଜ' ଓ "ବେଷ୍ଟ ବ୍ୟାଟ୍ସମ୍ୟାନ୍' ଭାବେ ପୁରସ୍କୃତ ହୋଇଥିଲେ। ଆୟୋଜକ ଦଳର ସମ୍ପାଦକ ଦିବାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭେଟରାନ ଖେଳାଳି ତଥା ରାଜ୍ୟ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା ଯୋଗଦେଇ ଖେଳାଳିଙ୍କୁ ପ୍ରଶଂସା କରିଥିଲେ। ଆଗାମୀ ବର୍ଷଗୁଡ଼ିକରେ ଏପରି ଟୁର୍ଣ୍ଣାମେଣ୍ଟ ଜାରି ରହିବ ବୋଲି ସନ୍ତୋଷ ପ୍ରଧାନ ପ୍ରକାଶ କରିଥିଲେ।

## ଅଗ୍ନିଶମ ବିଭାଗ ତରଫରୁ ମକଡ୍ରିଲ୍

**ଗଣିଆ,୧୬ ।୪(ସମିସ):** ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଗଣିଆ ଅଗ୍ନିଶମ ବିଭାଗ ତରଫରୁ ଏକ ମକଡ୍ରିଲ୍ ଅନୁଷ୍ଠିତ ହୋଇଛି। ଦମକଳ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ମକଡ୍ରିଲ୍ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଆଁ ଲାଗିବା ସମୟରେ କିପରି ତାହାର ମୁକାବିଲା କରିବେ ସେ ନେଇ ସମସ୍ତ କୈଶଳ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଏ ନେଇ ସଚେତନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୀଡ଼ିତଙ୍କୁ କିଭଳି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ବିଦ୍ୟାଳୟ ପଡ଼ିଆରେ ଖେଳୁଥିବା ସମୟରେ ଯଦି ଜଣେ ସାଙ୍ଗ ପଡ଼ି ଗୋଡ଼ହାତ ଭାଙ୍ଗିଯାଏ ତେବେ ତାଙ୍କୁ ଛାତ୍ରଛାତ୍ରୀମାନେ କିଭଳି ନିଜେ ଉଦ୍ଧାର କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ ଚନ୍ଦ୍ର ବେହେରା, ଅଧ୍ୟକ୍ଷ ରତ୍ନାକର ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ସିଏମ ଟ୍ରଫି ଖୋଖୋ ପ୍ରତିଯୋଗିତା



**ନୟାଗଡ଼,୧୬ ।୪(ସମିସ):** ନୟାଗଡ଼ ଷ୍ଟାଡିଅମଠାରେ ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଖୋଖୋ ପ୍ରତିଯୋଗିତା ଜିଲ୍ଲା କ୍ରୀଡ଼ା ବିଭାଗ, ଜିଲ୍ଲା ଆଥଲେଟିକ ଆସୋସିଏସନ୍ ସୌଜନ୍ୟରେ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ଦ୍ୱାରା ଉଦଘାଟିତ ହୋଇଛି। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ପୂର୍ବତନ ବିଧାୟକ ପ୍ରଧାନ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଆଥଲେଟିକ୍ ଆସୋସିଏସନ ସମ୍ପାଦକ ଅଶେଷ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡ଼ାରେ ୧୬ ବର୍ଷରୁ କମ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଥଲେଟିକ ଆସୋସିଏସନ ଉପସଭାପତି ଭବାନୀ ଶଙ୍କର ଦାସ, ଯୁଗ୍ମ ସମ୍ପାଦକ ବିନାୟକ ପ୍ରସାଦ ରାଓ, ସଭ୍ୟ ପ୍ରଶାନ୍ତ କୁମାର ଦାସ, ଖେଳ ଶିକ୍ଷକ ସନ୍ନ୍ୟାସୀ ପ୍ରଧାନ, ବିରଞ୍ଚିନାରାୟଣ ବେହେରା, ପ୍ରଦୀପ୍ତ ଚିତ୍ତରଞ୍ଜନ ସାହୁ, ନିଶିକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋଟିଏ ଦିନରେ ତିନିଜଣଙ୍କ ମୃତ୍ୟୁ

**ଭାପୁର,୧୬ ।୪(ସମିସ):** ଫତେଗଡ଼ ଥାନା ଅଞ୍ଚଳରେ ବୁଧବାର ତିନିଜଣଙ୍କ ମୃତ୍ୟୁ ଘଟିଛି। ସକାଳ ୯ ଟାରେ ଭାପୁର ପଞ୍ଚାୟତ ଭାଲୁଖାଇ ଗ୍ରାମର ଆନନ୍ଦ ନାଏକ (୫୮) ସାଇକଲ ଯୋଗେ ଘରକୁ ଫେରୁଥିଲେ। ଭାପୁର ବାଇପାସ ରାସ୍ତାରେ ତାଙ୍କୁ ଏକ ବାଇକ ଧକ୍କା ଦେଇ ପଳାଇଥିଲା। ଆନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମର ଭିନ୍ନକ୍ଷମ ଯୁବକ ଅମର ଖଟେଇଙ୍କ ବୁଧବାର ସନ୍ଧ୍ୟାରେ ଘର ନିକଟ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ବୁଧବାର ମଧ୍ୟାହ୍ନରେ କରବର ଗ୍ରାମର ଜଣେ ୨୧ ବର୍ଷୀୟ ଯୁବକ ପ୍ରେମ ବ୍ୟାପାରକୁ ନେଇ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଯୁବକଙ୍କ ବାପା ଓ ଜଣେ ଭଉଣୀ ମହାନଦୀରେ ବୁଡ଼ି ମୃତ୍ୟୁ ହରାଇଥିଲେ।

## ଗାଁକୁ ଫେରିଲା ପ୍ରବାସୀ ଶ୍ରମିକଙ୍କ ଶବ

**ଭାପୁର,୧୬ ।୪(ସମିସ):** ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ସାନସହରା ଗ୍ରାମର ଜଣେ ଯୁବକଙ୍କ କର୍ଣ୍ଣାଟକରେ ମୃତ୍ୟୁ ହୋଇଥିଲା। ମାତ୍ର ଟଙ୍କା ନ ଦେଲେ ଶବ ଛାଡ଼ିବେ ନାହିଁ ବୋଲି କହିବା ପରେ ଖଣ୍ଡପଡ଼ା ବିଧାୟକଙ୍କ ସହଯୋଗରେ ଓଡ଼ିଶା ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଶବ ଗାଁକୁ ଫେରିଛି। ମୃତକ ହେଲେ ବଡ଼ସହରା ପଞ୍ଚାୟତ ସାନସହରା ଗ୍ରାମ ଅସବର୍ଣ୍ଣ ସାହିର ଦାମୋଦର ମଲିକଙ୍କ ବଡ଼ ପୁଅ ବିଜୟ ମଲିକ (୩୪)। ବିଜୟ କର୍ଣ୍ଣାଟକରେ ଇଲେକ୍ଟ୍ରିକାଲ ୱେଲଡର ଭାବେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେଠାରେ ତାଙ୍କର ହୃଦଘାତରେ ମୃତ୍ୟୁ ପରେ ବିନା ଟଙ୍କାରେ ଶବ ବ୍ୟବଚ୍ଛେଦ କରାଯିବ ନାହିଁ ବୋଲି ସେଠାକାର ଡାକ୍ତରଖାନା କର୍ତ୍ତୃପକ୍ଷ କହିଥିଲେ। ଏତେ ଦୂରରୁ ଟଙ୍କା ଖର୍ଚ୍ଚ କରି ଗାଁକୁ ଶବ ଆସିବା ମଧ ଏହି ଗରିବ ପରିବାର ପକ୍ଷରରେ ଅସମ୍ଭବ ହୋଇପଡ଼ିଥିଲ। ଏନେଇ ପରିବାର ଲୋକେ ସରପଞ୍ଚ ବ୍ରଜକିଶୋର ଆଲୁକଙ୍କୁ ଜଣାଇବା ପରେ ସେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଙ୍କୁ ଜଣାଇଥିଲେ। ବିଧାୟକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ପରେ ବିନା ଖର୍ଚ୍ଚରେ ଶବ ବ୍ୟବଚ୍ଛେଦ ହୋଇ ବିମାନ ଯୋଗେ ଭୁବନେଶ୍ୱରରେ ଶବ ପହଞ୍ଚିଥିଲା। ସେଠାରୁ ପରିବାର ଲୋକେ ଆମ୍ବୁଲାନ୍ସରେ ଶବକୁ ଗାଁକୁ ଆଣି ଶେଷକୃତ୍ୟ କରିଛନ୍ତି। ବିଜୟଙ୍କର ଦୁଇ ଝିଅ ଅଛନ୍ତି। ଗରିବ ବାପା, ମା', ବିଧବା ପତ୍ନୀ ଓ ଦୁଇ କୁନିଝିଅଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଭଙ୍ଗାଦଦରା ଘରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି

**ପ୍ରଶାସନର ଦୃଷ୍ଟି ପଡ଼ିବ କେବେ?**

**ଗଣିଆ,୧୬ ।୪(ସମିସ):**

ବିଜେଡି ସରକାର ସମୟରେ '୫-ଟି' ବିଦ୍ୟାଳୟ ଥିବା ବେଳେ ଏବେ ପିଏମଶ୍ରୀ ବିଦ୍ୟାଳୟ ନାମରେ ନାମିତ ହୋଇଛି। ଦୁଇ ମହଲା ବିଶିଷ୍ଟ କୋଠାଘର ସାଙ୍ଗକୁ ସିସିଟିଭି ଏବଂ ଚକାଚକ ରଙ୍ଗରେ ବିଦ୍ୟାଳୟଗୁଡ଼ିକ ଝଲସି ଉଠୁଛି। ସରକାରଙ୍କ ଏତେ ସବୁ ଯୋଜନା ପରେ ବି ଭଙ୍ଗାଦଦରା ଆଜବେଷ୍ଟସ ଘରେ କାଠ ଚୁଲିରେ ଚାଲିଛି ମଧ୍ୟାହ୍ନଭୋଜନ ରୋଷେଇ। ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ମହୁକଣ ପ୍ରାଥମିକ ବିଦ୍ୟାଳୟରୁ ଏପରି ଦୃଶ୍ୟ ସାମ୍ନାକୁ ଆସିଛି।

ବିଦ୍ୟାଳୟ ବାରଣ୍ଡାରେ ବିପଦପୂର୍ଣ୍ଣ ଭାବେ



ରୋଷେଇ ହେଉଥିବା ବେଳେ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି। କେତେବେଳେ ଯେ ଆଜବେଷ୍ଟସ ଭାଙ୍ଗି କିଛି ଅଘଟଣ ଘଟିବ ତାହା କହିହେବ ନାହିଁ। ଏଭଳି ବିପଦପୂର୍ଣ୍ଣ ଘରେ କିଭଳି ରୋଷେଇ ହେଉଛି ତାହା ତଦନ୍ତ ସାପେକ୍ଷ। ଏପରିକି ପ୍ରତ୍ୟେକ ବିଦ୍ୟାଳୟରେ ଗ୍ୟାସ ଯୋଗେ ରୋଷେଇ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ ଏଠାରେ କାଠ ଚୁଲିରେ ରୋଷେଇ ହେଉଛି କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ ଉକ୍ତ ଗୃହ ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ପ୍ରକାଶ କରିଛନ୍ତି। ସେ ବାରମ୍ବାର ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କଠାରୁ ଆରମ୍ଭ କରି ପରିଚାଳନା କମିଟିକୁ ଜଣାଇଛନ୍ତି। ଜିଲ୍ଲା ଶିକ୍ଷା ବିଭାଗ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।

